रजिस्ट्री सं डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

---

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

**ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6**

---

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମ୍ୟୁନିଟିଜ୍) ଏକ୍ଟ, 1947, (7) ଦି ଏକ୍ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରୋନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଭାରତୀୟ ଭାଗୀଦାରୀ ଅଧିନିୟମ, 1932

( 1932ର ଅଧିନିୟମ ସଂଖ୍ୟା 9 )

( 8 ଅପ୍ରେଲ, 1932 )

## ଭାଗୀଦାରୀ ସମ୍ବନ୍ଧିତ ବିଧିକୁ ସଂଜ୍ଞାକୃତ ଏବଂ ସଂଶୋଧିତ କରିବା ନିମିତ୍ତ ଏକ ଅଧିନିୟମ

ଯେହେତୁ ଭାଗୀଦାରୀ ସମ୍ବନ୍ଧିତ ବିଧିକୁ ସଂଜ୍ଞାକୃତ ଏବଂ ସଂଶୋଧିତ କରିବା ସମୀଚୀନ ଅଟେ ; ତେଣୁ ଏତଦ୍ଵାରା ନିମ୍ନମତେ ଅଧିନିୟମିତ ହେଲା:––

## ଅଧ୍ୟାୟ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ଭାରତୀୟ ଭାଗୀଦାରୀ ଅଧିନିୟମ, 1932 ନାମରେ ଅଭିହିତ ହେବ ।

(2) ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ପ୍ରତି ବିସ୍ତୃତ ।

(3) ଏହାର ଧାରା 69କୁ ଛାଡ଼ି ଏହା 1932 ଅକ୍‌ଟୋବର ପହିଲାରେ ପ୍ରବୃତ୍ତ ହେବ ଏବଂ ଧାରା 69ଟି 1933 ଅକ୍‌ଟୋବର ପହିଲାରେ ପ୍ରବୃତ୍ତ ହେବ ।

ସଂଜ୍ଞା

2. ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧ ନ ଥିଲେ, ଏହି ଅଧିନିୟମରେ––

(କ) "ଫାର୍ମର କାର୍ଯ୍ୟ" ଅର୍ଥ, ଫାର୍ମର ସମସ୍ତ ଭାଗୀଦାରମାନଙ୍କ ଦ୍ଵାରା କିମ୍ବା ଯେ କୌଣସି ଭାଗୀଦାର ବା ଏଜେଣ୍ଟଙ୍କଦ୍ଵାରା ଯେ କୌଣସି କାର୍ଯ୍ୟ ବା କାର୍ଯ୍ୟର ଲୋପ ଯହିଁରୁ ଫାର୍ମ ଦ୍ଵାରା ବା ବିରୁଦ୍ଧରେ ପ୍ରବର୍ତ୍ତନ ହୋଇ ପାରୁଥିବା କୌଣସି ଅଧିକାର ଜାତ ହୁଏ ;

(ଖ) "ବ୍ୟବସାୟ"ରେ ପ୍ରତ୍ୟେକ ବ୍ୟାପାର, ବୃତ୍ତି ଏବଂ ପେଶା ଅନ୍ତର୍ଭୁକ୍ତ ;

(ଗ) "ବିହିତ" ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ଵାରା ବିହିତ ;

(ଘ) କୌଣସି ଫାର୍ମ ବା ତହିଁର କୌଣସି ଭାଗୀଦାର ସମ୍ବନ୍ଧରେ ବ୍ୟବହୃତ "ତୃତୀୟ ପକ୍ଷ" ଅର୍ଥ ଫାର୍ମର ଜଣେ ଭାଗୀଦାର ନ ଥିବା କୌଣସି ବ୍ୟକ୍ତି ; ଏବଂ

(ଙ) ଏହି ଅଧିନିୟମରେ ବ୍ୟବହୃତ କରାଯାଇଥିବା, କିନ୍ତୁ ସଂଜ୍ଞାକୃତ ହୋଇ ନ ଥିବା ଏବଂ ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ରେ ସଂଜ୍ଞାକୃତ ହୋଇଥିବା ଅଭିବ୍ୟକ୍ତିଗୁଡ଼ିକ ପାଇଁ ସେହି ଅଧିନିୟମରେ ଯେଉଁ ଅର୍ଥ ରହିଛି ଏହି ଅଧିନିୟମରେ ମଧ୍ୟ ସେହି ଏକା ଅର୍ଥ ରହିବ ।

1872 ର ଅଧିନିୟମ 9ର ଉପବନ୍ଧଗୁଡ଼ିକର ପ୍ରୟୋଗ ।

3. ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ର ଅନିରସିତ ଉପବନ୍ଧଗୁଡ଼ିକ, ଯେ ପର୍ଯ୍ୟନ୍ତ ଏହି ଅଧିନିୟମର ଅଭିବ୍ୟକ୍ତ ଉପବନ୍ଧଗୁଡ଼ିକ ସହ ଅସଙ୍ଗତ ଥିବ ତାହା ବ୍ୟତୀତ, ଫାର୍ମ ପ୍ରତି ପ୍ରଯୁଜ୍ୟ ହୋଇ ରହିବ ।

## ଅଧ୍ୟାୟ II

### ଭାଗୀଦାରୀର ପ୍ରକୃତି

"ଭାଗୀଦାରୀ," "ଭାଗୀଦାର," "ଫାର୍ମ" ଏବଂ "ଫାର୍ମ ନାମ" ର ସଂଜ୍ଞା ।

4. "ଭାଗୀଦାରୀ" ହେଉଛି ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଯେଉଁମାନେ, ସମସ୍ତଙ୍କ ଦ୍ଵାରା ବା ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିବା ସେମାନଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତିଙ୍କ ଦ୍ଵାରା ଚଳାଯାଉଥିବା କୌଣସି ବ୍ୟବସାୟର ଲାଭର ଅଂଶ ପାଇବା ନିମିତ୍ତ ରାଜି ହୋଇଥିବେ ।

ଯେଉଁ ବ୍ୟକ୍ତିମାନେ ଜଣେ ଅନ୍ୟ ଜଣଙ୍କ ସହ ଭାଗୀଦାରୀ କରିଥିବେ ସେମାନେ ପ୍ରତ୍ୟେକଙ୍କୁ "ଭାଗୀଦାର" ଓ ସାମୂହିକରୂପେ ଏକ "ଫାର୍ମ" ନାମରେ ଅଭିହିତ ଏବଂ ଯେଉଁ ନାମ ଅନୁଯାୟୀ ସେମାନଙ୍କର ବ୍ୟବସାୟ ଚଳାଯାଏ ତାହା "ଫାର୍ମ ନାମ" ନାମରେ ଅଭିହିତ ।

*ଭଗୀଦାରୀ ସ୍ଥିତି ଦ୍ୱାରା ସୃଷ୍ଟ ହୁଏ ନାହିଁ ।*

5. ଭଗୀଦାରୀର ସମ୍ବନ୍ଧ, ଚୁକ୍ତିରୁ ଜାତ ହୁଏ, ସ୍ଥିତିରୁ ନୁହେଁ, ଏବଂ ବିଶେଷତଃ, ଯେଉଁ ହିନ୍ଦୁ ଅବିଭକ୍ତ ପରିବାରର ସଦସ୍ୟମାନେ ସେପରିଭାବରେ କୌଣସି ପାରିବାରିକ ବ୍ୟବସାୟ ଚଳାଉଥିବେ କିମ୍ବା ଯେଉଁ ବର୍ମୀୟ ବୌଦ୍ଧ ସ୍ୱାମୀ ଓ ସ୍ତ୍ରୀ ସେପରିଭାବରେ ବ୍ୟବସାୟ ଚଳାଉଥିବେ ସେମାନେ ସେପରି ବ୍ୟବସାୟରେ ଭଗୀଦାର ନୁହଁନ୍ତି ।

*ଭଗୀଦାରୀର ଅସ୍ତିତ୍ୱ ଅବଧାରଣର ଢଙ୍ଗ ।*

6. ବ୍ୟକ୍ତିମାନଙ୍କର କୌଣସି ଦଳ ଏକ ଫାର୍ମ କି ନୁହେଁ କିମ୍ବା କୌଣସି ବ୍ୟକ୍ତି କୌଣସି ଫାର୍ମର ଜଣେ ଭଗୀଦାର କି ନୁହଁନ୍ତି ତାହା ଅବଧାରଣ କରିବାରେ, ସମସ୍ତ ସୁସଙ୍ଗତ ତଥ୍ୟମାନ ଏକତ୍ର ନେବା ଫଳରେ ପକ୍ଷମାନଙ୍କ ମଧ୍ୟରେ ଯେଉଁ ବାସ୍ତବିକ ସମ୍ବନ୍ଧ ଥିବା ଜଣାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ।

ସ୍ପଷ୍ଟୀକରଣ—(i) ଯେଉଁ ସଂପତ୍ତିରେ କେତେକ ବ୍ୟକ୍ତିଙ୍କର ସଂଯୁକ୍ତ ବା ସାଧାରଣ ସ୍ୱାର୍ଥ ଥାଏ ସେହି ସଂପତ୍ତିର ଲାଭ ବା ମୋଟ ପ୍ରତ୍ୟାଗମକୁ ସେମାନେ ଭାଗକରି ନେଉଛନ୍ତି ବୋଲି ଏହି ମାତ୍ର କାରଣରୁ ସେମାନେ ଭଗୀଦାର ହୋଇଯିବେ ନାହିଁ ।

ସ୍ପଷ୍ଟୀକରଣ—(ii) କୌଣସି ବ୍ୟକ୍ତି କୌଣସି ଏକ ବ୍ୟବସାୟର ଲାଭରୁ ଭାଗ ନେଉଛନ୍ତି ବୋଲି ବା କୌଣସି ଏକ ବ୍ୟବସାୟର ଲାଭ ଉପରେ ସମାଶ୍ରିତ ହୋଇଥିବା ବା ଉକ୍ତ ବ୍ୟବସାୟରୁ ପ୍ରାପ୍ତ ଲାଭ ଅନୁସାରେ ପରିବର୍ତ୍ତିତ ହେଉଥିବା ଅର୍ଥ ପ୍ରଦାନ ପାଉଛନ୍ତି ବୋଲି ଏହିମାତ୍ର କାରଣରୁ ସେ ବ୍ୟବସାୟ ଚଳାଉଥିବା ବ୍ୟକ୍ତିମାନଙ୍କର ଭଗୀଦାର ହୋଇଯିବେ ନାହିଁ ।

(କ) କୌଣସି ବ୍ୟବସାୟରେ ଲାଗିଥିବା ବା ଲାଗିବାକୁ ଥିବା ବ୍ୟକ୍ତିମାନଙ୍କୁ, କୌଣସି ଧନ ଉଧାର ଦାତାଙ୍କ ଦ୍ୱାରା ;

(ଖ) ପାରିଶ୍ରମିକ ରୂପେ କୌଣସି ସେବକ ବା ଏଜେଣ୍ଟଙ୍କ ଦ୍ୱାରା ;

(ଗ) ବାର୍ଷିକୀରୂପେ କୌଣସି ମୃତ ଭଗୀଦାରଙ୍କ ବିଧବା ପତ୍ନୀ ବା ସନ୍ତାନଙ୍କ ଦ୍ୱାରା ; ଅଥବା

(ଘ) ସେହି ବ୍ୟବସାୟର ସୁନାମ ବା ଅଂଶର ବିକ୍ରୟ ନିମିତ୍ତ ପ୍ରତିଫଳ ସ୍ୱରୂପ ବ୍ୟବସାୟର, କୌଣସି ପୂର୍ବତନ ମାଲିକ ବା ଭାଗିକ ମାଲିକଙ୍କ ଦ୍ୱାରା ;

ସେପରି ଅଂଶ ବା ସଂଦାୟର ପ୍ରାପ୍ତି କେବଳ ପ୍ରାପକଙ୍କୁ ସେହି ବ୍ୟବସାୟ ଚଳାଉଥିବା ବ୍ୟକ୍ତିମାନଙ୍କ ସହ ଜଣେ ଭଗୀଦାର କରାଏ ନାହିଁ ।

*ଇଚ୍ଛାଧୀନ ଭଗୀଦାରୀ ।*

7. ଯେଉଁଠାରେ ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିରେ, ସେମାନଙ୍କ ଭଗୀଦାରୀର ଅସ୍ତିତ୍ୱକାଳ ବିଷୟରେ କିମ୍ବା ସେମାନଙ୍କ ଭଗୀଦାରୀର ପର୍ଯ୍ୟବସାନ ବିଷୟରେ କୌଣସି ଉପବନ୍ଧ ନଥାଏ, ସେଠାରେ ସେହି ଭଗୀଦାରୀ ଏକ "ଇଚ୍ଛାଧୀନ ଭଗୀଦାରୀ" ଅଟେ ।

*ବିଶିଷ୍ଟ ଭଗୀଦାରୀ ।*

8. କୌଣସି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ବିଶିଷ୍ଟ ପ୍ରୋଦ୍ୟମ କିମ୍ବା ଉଦ୍ୟୋଗରେ ଜଣେ ଭଗୀଦାର ହୋଇପାରିବେ ।

## ଅଧ୍ୟାୟ III

## ଭାଗୀଦାରମାନଙ୍କର ପରସ୍ପର ପ୍ରତି ସମ୍ବନ୍ଧ

*ଭଗୀଦାରମାନଙ୍କର ସାଧାରଣ କର୍ତ୍ତବ୍ୟ ।*

9. ଭାଗୀଦାରମାନେ ସର୍ବାଧିକ ସାମାନ୍ୟ ସୁବିଧା ନିମିତ୍ତ ଫାର୍ମର ବ୍ୟବସାୟ ଚଳାଇବାକୁ, ପ୍ରତ୍ୟେକେ ପରସ୍ପର ପ୍ରତି ନ୍ୟାୟସଙ୍ଗତ ଓ ବିଶ୍ୱାସପରାୟଣ ହେବାକୁ ଏବଂ କୌଣସି ଭଗୀଦାରୀ ବା ତାଙ୍କର ବୈଧ ପ୍ରତିନିଧିଙ୍କୁ ଠିକ୍ ହିସାବ ଓ ଫାର୍ମକୁ ପ୍ରଭାବିତ କରୁଥିବା ସମସ୍ତ ବିଷୟର ସଂପୂର୍ଣ୍ଣ ସୂଚନା ଦେବାକୁ ଆବଦ୍ଧ ରହିବେ ।

*ପ୍ରବଞ୍ଚନା ଦ୍ୱାରା କରା ହୋଇଥିବା ନିମିତ୍ତ କ୍ଷତି-ପୂର୍ତ୍ତି କରିବାକୁ କର୍ତ୍ତବ୍ୟ ।*

10. ପ୍ରତ୍ୟେକ ଭଗୀଦାର ଫାର୍ମର ବ୍ୟବସାୟ ଚଳାଇବାରେ ନିଜର ପ୍ରବଞ୍ଚନା ଦ୍ୱାରା ଫାର୍ମ ପ୍ରତି କରାହୋଇଥିବା କୌଣସି ହାନି ନିମିତ୍ତ ଫାର୍ମକୁ କ୍ଷତିପୂର୍ତ୍ତି କରିବେ ।

ଭାଗୀଦାରମାନଙ୍କ ଅଧିକାର ଓ କର୍ତ୍ତବ୍ୟର ଅବଧାରଣ, ଭାଗୀଦାରମାନଙ୍କ ମଧ୍ୟରେ ଚୁକ୍ତି ଦ୍ୱାରା ହେବ ।

11. (1) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି କୌଣସି ଫାର୍ମର ଭାଗୀଦାରମାନଙ୍କ ପାରସ୍ପରିକ ଅଧିକାର ଓ କର୍ତ୍ତବ୍ୟ, ଭାଗୀଦାରମାନଙ୍କ ମଧ୍ୟରେ ଚୁକ୍ତି ଦ୍ୱାରା ଅବଧାରିତ ହୋଇପାରିବ, ଏବଂ ସେପରି ଚୁକ୍ତି ଅଭିବ୍ୟକ୍ତ ହୋଇପାରିବ କିମ୍ବା ବ୍ୟବହାର କ୍ରମେ ବିବକ୍ଷିତ ହୋଇପାରିବ ।

ସେପରି ଚୁକ୍ତି ସମସ୍ତ ଭାଗୀଦାରମାନଙ୍କ ସମ୍ମତି ଦ୍ୱାରା ପରିବର୍ତ୍ତିତ ହୋଇପାରେ, ଏବଂ ସେପରି ସମ୍ମତି ଅଭିବ୍ୟକ୍ତ ହୋଇପାରେ କିମ୍ବା ବ୍ୟବହାରକ୍ରମେ ବିବକ୍ଷିତ ହୋଇପାରେ ।

ବ୍ୟାପାର ଅବରୋଧୀ ରାଜିନାମା ।

(2) ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ର ଧାରା 27 ରେ ଯାହାକିଛି ଥିବା ସତ୍ତ୍ୱେ, କୌଣସି ଭାଗୀଦାର ସେ ଜଣେ ଭାଗୀଦାର ରହିଥିବା ବେଳେ ଫାର୍ମର ବ୍ୟବସାୟ ଭିନ୍ନ ଅନ୍ୟ କୌଣସି ବ୍ୟବସାୟ ଚଳାଇ ପାରିବେ ନାହିଁ ବୋଲି ସେପରି ଚୁକ୍ତିରେ ଉପବନ୍ଧ କରାଯାଇପାରିବ ।

ବ୍ୟବସାୟ ସଂଚାଳନ ।

12. ଭାଗୀଦାରମାନଙ୍କ ମଧ୍ୟରେ କରାଯାଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) ବ୍ୟବସାୟ ସଞ୍ଚାଳନରେ ଭାଗ ନେବା ନିମିତ୍ତ ପ୍ରତ୍ୟେକ ଭାଗୀଦାରଙ୍କର ଅଧିକାର ରହିବ ;

(ଖ) ପ୍ରତ୍ୟେକ ଭାଗୀଦାର ବ୍ୟବସାୟ ସଞ୍ଚାଳନରେ ତାଙ୍କର କର୍ତ୍ତବ୍ୟ ତତ୍ପରତା ପୂର୍ବକ ପାଳନ କରିବାକୁ ବାଧ୍ୟ ରହିବେ ;

(ଗ) ବ୍ୟବସାୟ ସଂପର୍କିତ ମାମୁଲି ବିଷୟଗୁଡ଼ିକ ସଂପର୍କରେ ଉଦ୍‌ଭୂତ କୌଣସି ମତଭେଦ ଭାଗୀଦାରମାନଙ୍କର ବହୁମତ ଦ୍ୱାରା ନିଷ୍ପନ୍ନ କରାଯାଇପାରିବ ଏବଂ ପ୍ରତ୍ୟେକ ଭାଗୀଦାରଙ୍କର ବିଷୟ ନିଷ୍ପତ୍ତି ହେବା ପୂର୍ବରୁ ତାଙ୍କର ମତ ଅଭିବ୍ୟକ୍ତ କରିବା ନିମିତ୍ତ ଅଧିକାର ରହିବ, କିନ୍ତୁ ସମସ୍ତ ଭାଗୀଦାରଙ୍କ ସମ୍ମତି ବିନା ବ୍ୟବସାୟର ପ୍ରକୃତିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ ; ଏବଂ

(ଘ) ପ୍ରତ୍ୟେକ ଭାଗୀଦାରଙ୍କର, ଫାର୍ମର କୌଣସି ବହି ଦେଖିବାକୁ ଓ ତାହା ନିରୀକ୍ଷଣ କରିବାକୁ ଓ ତାହାର ନକଲ କରିବାକୁ ଅଧିକାର ରହିବ ।

ପାରସ୍ପରିକ ଅଧିକାର ଏବଂ ଦାୟିତ୍ୱ ।

13. ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) କୌଣସି ଭାଗୀଦାର ବ୍ୟବସାୟର ସଞ୍ଚାଳନରେ ଭାଗନେବା ନିମିତ୍ତ ପାରିଶ୍ରମିକ ପାଇବାକୁ ହକ୍‌ଦାର ହେବେନାହିଁ ;

(ଖ) ଭାଗୀଦାରମାନେ ଉପାର୍ଜିତ ଲାଭରେ ସମାନ ଭାବରେ ଲାଭ ପାଇବାକୁ ହକ୍‌ଦାର ହେବେ, ଏବଂ ଫାର୍ମ ଦ୍ୱାରା ହୋଇଥିବା ହାନିକୁ ସମାନ ଭାବରେ ବହନ କରିବେ ;

(ଗ) ଯେଉଁଠାରେ କୌଣସି ଭାଗୀଦାର ତାଙ୍କଦ୍ୱାରା ଲଗାଯାଇଥିବା ପୁଞ୍ଜି ଉପରେ ସୁଧ ପାଇବାକୁ ହକଦାର, ସେଠାରେ ସେପରି ସୁଧ କେବଳ ଲାଭ ମଧ୍ୟରୁ ପ୍ରଦେୟ ହେବ ;

(ଘ) ଯେଉଁ ଭାଗୀଦାର ବ୍ୟବସାୟର ଉଦ୍ଦେଶ୍ୟ ନିମିତ୍ତ ସେ ଲଗାଇବାକୁ ରାଜି ହୋଇଥିବା ପୁଞ୍ଜିର ପରିମାଣରୁ ଅତିରିକ୍ତ କୌଣସି ସଂଦାୟ ବା ଅଗ୍ରିମ ଦିଅନ୍ତି, ସେ ତାହା ଉପରେ ବାର୍ଷିକ ଶତକଡ଼ା ଛଅ ହାରରେ ସୁଧ ପାଇବାକୁ ହକ୍‌ଦାର ହେବେ ;

(ଙ) ଭାଗୀଦାରଙ୍କ ଦ୍ୱାରା ନିମ୍ନୋକ୍ତ ଦିଗରେ କରାଯାଇଥିବା ସଂଦାୟ ଓ ଉପଗତ ହୋଇଥିବା ଦାୟିତ୍ୱ ସଂକ୍ରାନ୍ତରେ ଫାର୍ମ ତାଙ୍କର କ୍ଷତିପୂର୍ତ୍ତି କରିବ——

(*i*) ସେହି ବ୍ୟବସାୟର ମାମୁଲି ଓ ଉଚିତ ସଂଚାଳନ ଦିଗରେ ; ଓ

(*ii*) ବିଷୟଟି ନିଜର ହୋଇଥିଲେ ସମାନ ପରିସ୍ଥିତିରେ ଜଣେ ସାଧାରଣ ପ୍ରଜ୍ଞା ଥିବା ବ୍ୟକ୍ତି ଯେଉଁ କାର୍ଯ୍ୟ କରିଥାନ୍ତେ, ଏକ ଜରୁରୀ ପରିସ୍ଥିତିରେ ଫାର୍ମକୁ କ୍ଷତିରୁ ବଞ୍ଚାଇବା ପାଇଁ ସେହି କାର୍ଯ୍ୟ କରିବା ଦିଗରେ ; ଓ

(ଚ) କୌଣସି ଭାଗୀଦାର ଫାର୍ମର ବ୍ୟବସାୟ ସଂଚାଳନରେ ସେ ସ୍ୱେଚ୍ଛାକୃତଭାବେ କରିଥିବା ଅବହେଳା ଦ୍ୱାରା ଫାର୍ମ ପ୍ରତି କରାଯାଇଥିବା କୌଣସି ହାନି ପାଇଁ ଫାର୍ମକୁ କ୍ଷତିପୂର୍ତ୍ତି କରିବେ ।

ଫାର୍ମର ସଂପତ୍ତି

14. ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି ଫାର୍ମର ସଂପତ୍ତି, ଫାର୍ମର ଷ୍ଟକକୁ ମୂଳତଃ ଅଣାଯାଇଥିବା ବା ଫାର୍ମ ଦ୍ୱାରା ବା ଫାର୍ମ ନିମିତ୍ତ କିମ୍ବା ଫାର୍ମର ବ୍ୟବସାୟ ପାଇଁ ଓ ମାଧ୍ୟମରେ କ୍ରୟଦ୍ୱାରା ବା ଅନ୍ୟଥା ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏବଂ ସମ୍ପତ୍ତିରେ ଥିବା ସମସ୍ତ ଅଧିକାର ଓ ସ୍ୱାର୍ଥକୁ ଅନ୍ତର୍ଗତ କରେ, ଏବଂ ବ୍ୟବସାୟର ସୁନାମକୁ ମଧ୍ୟ ଅନ୍ତର୍ଗତ କରେ ।

**ଭାଗୀଦାରମାନଙ୍କ ଅଧିକାର ଓ କର୍ତ୍ତବ୍ୟର ଅବଧାରଣ, ଭାଗୀଦାରମାନଙ୍କ ମଧ୍ୟରେ ଚୁକ୍ତି ଦ୍ୱାରା ହେବ ।**

11. (1) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି କୌଣସି ଫାର୍ମର ଭାଗୀଦାରମାନଙ୍କର ପାରସ୍ପରିକ ଅଧିକାର ଓ କର୍ତ୍ତବ୍ୟ, ଭାଗୀଦାରମାନଙ୍କ ମଧ୍ୟରେ ଚୁକ୍ତି ଦ୍ୱାରା ଅବଧାରିତ ହୋଇପାରିବ, ଏବଂ ସେପରି ଚୁକ୍ତି ଅଭିବ୍ୟକ୍ତ ହୋଇପାରିବ କିମ୍ବା ବ୍ୟବହାର କ୍ରମେ ବିବକ୍ଷିତ ହୋଇପାରିବ ।

ସେପରି ଚୁକ୍ତି ସମସ୍ତ ଭାଗୀଦାରମାନଙ୍କ ସମ୍ମତି ଦ୍ୱାରା ପରିବର୍ତ୍ତିତ ହୋଇପାରେ, ଏବଂ ସେପରି ସମ୍ମତି ଅଭିବ୍ୟକ୍ତ ହୋଇପାରେ କିମ୍ବା ବ୍ୟବହାରକ୍ରମେ ବିବକ୍ଷିତ ହୋଇପାରେ ।

**ବ୍ୟାପାର ଅବରୋଧୀ ରାଜିନାମା ।**

(2) ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ର ଧାରା 27 ରେ ଯାହାକିଛି ଥିବା ସତ୍ତ୍ୱେ, କୌଣସି ଭାଗୀଦାର ସେ ଜଣେ ଭାଗୀଦାର ରହିଥିବା ବେଳେ ଫାର୍ମର ବ୍ୟବସାୟ ଭିନ୍ନ ଅନ୍ୟ କୌଣସି ବ୍ୟବସାୟ ଚଳାଇ ପାରିବେ ନାହିଁ ବୋଲି ସେପରି ଚୁକ୍ତିରେ ଉପବନ୍ଧ କରାଯାଇପାରିବ ।

**ବ୍ୟବସାୟ ସଂଚାଳନ ।**

12. ଭାଗୀଦାରମାନଙ୍କ ମଧ୍ୟରେ କରାଯାଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) ବ୍ୟବସାୟ ସଞ୍ଚାଳନରେ ଭାଗ ନେବା ନିମିତ୍ତ ପ୍ରତ୍ୟେକ ଭାଗୀଦାରଙ୍କର ଅଧିକାର ରହିବ ;

(ଖ) ପ୍ରତ୍ୟେକ ଭାଗୀଦାର ବ୍ୟବସାୟ ସଞ୍ଚାଳନରେ ତାଙ୍କର କର୍ତ୍ତବ୍ୟ ତତ୍ପରତା ପୂର୍ବକ ପାଳନ କରିବାକୁ ବାଧ୍ୟ ରହିବେ ;

(ଗ) ବ୍ୟବସାୟ ସଂପର୍କିତ ମାମୁଲି ବିଷୟଗୁଡ଼ିକ ସଂପର୍କରେ ଉଦ୍‌ଭୂତ କୌଣସି ମତଭେଦ ଭାଗୀଦାରମାନଙ୍କର ବହୁମତ ଦ୍ୱାରା ନିଷ୍ପନ୍ନ କରାଯାଇପାରିବ ଏବଂ ପ୍ରତ୍ୟେକ ଭାଗୀଦାରଙ୍କର ବିଷୟ ନିଷ୍ପତ୍ତି ହେବା ପୂର୍ବରୁ ତାଙ୍କର ମତ ଅଭିବ୍ୟକ୍ତ କରିବା ନିମିତ୍ତ ଅଧିକାର ରହିବ, କିନ୍ତୁ ସମସ୍ତ ଭାଗୀଦାରଙ୍କ ସମ୍ମତି ବିନା ବ୍ୟବସାୟର ପ୍ରକୃତିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ ; ଏବଂ

(ଘ) ପ୍ରତ୍ୟେକ ଭାଗୀଦାରଙ୍କର, ଫାର୍ମର କୌଣସି ବହି ଦେଖିବାକୁ ଓ ତାହା ନିରୀକ୍ଷଣ କରିବାକୁ ଓ ତାହାର ନକଲ କରିବାକୁ ଅଧିକାର ରହିବ ।

**ପାରସ୍ପରିକ ଅଧିକାର ଏବଂ ଦାୟିତ୍ୱ ।**

13. ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) କୌଣସି ଭାଗୀଦାର ବ୍ୟବସାୟର ସଞ୍ଚାଳନରେ ଭାଗନେବା ନିମିତ୍ତ ପାରିଶ୍ରମିକ ପାଇବାକୁ ହକ୍‌ଦାର ହେବେନାହିଁ ;

(ଖ) ଭାଗୀଦାରମାନେ ଉପାର୍ଜିତ ଲାଭରେ ସମାନ ଭାବରେ ଲାଭ ପାଇବାକୁ ହକ୍‌ଦାର ହେବେ, ଏବଂ ଫାର୍ମ ଦ୍ୱାରା ହୋଇଥିବା ହାନିକୁ ସମାନ ଭାବରେ ବହନ କରିବେ ;

(ଗ) ଯେଉଁଠାରେ କୌଣସି ଭାଗୀଦାର ତାଙ୍କଦ୍ୱାରା ଲଗାଯାଇଥିବା ପୁଞ୍ଜି ଉପରେ ସୁଧ ପାଇବାକୁ ହକଦାର, ସେଠାରେ ସେପରି ସୁଧ କେବଳ ଲାଭ ମଧ୍ୟରୁ ପ୍ରଦେୟ ହେବ ;

(ଘ) ଯେଉଁ ଭାଗୀଦାର ବ୍ୟବସାୟର ଉଦ୍ଦେଶ୍ୟ ନିମିତ୍ତ ସେ ଲଗାଇବାକୁ ରାଜି ହୋଇଥିବା ପୁଞ୍ଜିର ପରିମାଣରୁ ଅତିରିକ୍ତ କୌଣସି ସଂଦାୟ ବା ଅଗ୍ରିମ ଦିଅନ୍ତି, ସେ ତାହା ଉପରେ ବାର୍ଷିକ ଶତକଡ଼ା ଛଅ ହାରରେ ସୁଧ ପାଇବାକୁ ହକ୍‌ଦାର ହେବେ ;

(ଙ) ଭାଗୀଦାରଙ୍କ ଦ୍ୱାରା ନିମ୍ନୋକ୍ତ ଦିଗରେ କରାଯାଇଥିବା ସଂଦାୟ ଓ ଉପଗତ ହୋଇଥିବା ଦାୟିତ୍ୱ ସଂକ୍ରାନ୍ତରେ ଫାର୍ମ ତାଙ୍କର କ୍ଷତିପୂର୍ତ୍ତି କରିବ—

(*i*) ସେହି ବ୍ୟବସାୟର ମାମୁଲି ଓ ଉଚିତ ସଂଚାଳନ ଦିଗରେ ; ଓ

(*ii*) ବିଷୟଟି ନିଜର ହୋଇଥିଲେ ସମାନ ପରିସ୍ଥିତିରେ ଜଣେ ସାଧାରଣ ପ୍ରଜ୍ଞା ଥିବା ବ୍ୟକ୍ତି ଯେଉଁ କାର୍ଯ୍ୟ କରିଥାନ୍ତେ, ଏକ ଜରୁରୀ ପରିସ୍ଥିତିରେ ଫାର୍ମକୁ କ୍ଷତିରୁ ବଞ୍ଚାଇବା ପାଇଁ ସେହି କାର୍ଯ୍ୟ କରିବା ଦିଗରେ ; ଓ

(ଚ) କୌଣସି ଭାଗୀଦାର ଫାର୍ମର ବ୍ୟବସାୟ ସଂଚାଳନରେ ସେ ସ୍ୱେଚ୍ଛାକୃତଭାବେ କରିଥିବା ଅବହେଳା ଦ୍ୱାରା ଫାର୍ମ ପ୍ରତି କରାଯାଇଥିବା କୌଣସି ହାନି ପାଇଁ ଫାର୍ମକୁ କ୍ଷତିପୂର୍ତ୍ତି କରିବେ ।

**ଫାର୍ମର ସଂପତ୍ତି**

14. ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି ଫାର୍ମର ସଂପତ୍ତି, ଫାର୍ମର ଷ୍ଟକକୁ ମୂଳତଃ ଅଣାଯାଇଥିବା ବା ଫାର୍ମ ଦ୍ୱାରା ବା ଫାର୍ମ ନିମିତ୍ତ କିମ୍ବା ଫାର୍ମର ବ୍ୟବସାୟ ପାଇଁ ଓ ମାଧ୍ୟମରେ କ୍ରୟଦ୍ୱାରା ବା ଅନ୍ୟଥା ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏବଂ ସମ୍ପତ୍ତିରେ ଥିବା ସମସ୍ତ ଅଧିକାର ଓ ସ୍ୱାର୍ଥକୁ ଅନ୍ତର୍ଗତ କରେ, ଏବଂ ବ୍ୟବସାୟର ସୁନାମକୁ ମଧ୍ୟ ଅନ୍ତର୍ଗତ କରେ ।

କୌଣସି ପ୍ରତିକୂଳ ଆଶୟ ପ୍ରତୀତ ନ ହେଲେ, ଫାର୍ମର ଧନରେ ଅର୍ଜିତ ସମ୍ପତ୍ତି ଏବଂ ସମ୍ପତ୍ତିରେ ଥିବା ଅଧିକାର ଓ ସ୍ୱାର୍ଥ ଫାର୍ମ ନିମନ୍ତେ ଅର୍ଜିତ ହୋଇଅଛି ବୋଲି ବିବେଚିତ ହେବ ।

ଫାର୍ମ ସଂପତ୍ତିର ପ୍ରୟୋଗ ।

15. ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି ଫାର୍ମର ସମ୍ପତ୍ତି, ବ୍ୟବସାୟ ସକାଶେ ଭଗୀଦାରମାନଙ୍କ ଦ୍ୱାରା ଅନନ୍ୟତଃ ଧାରିତ ଓ ବ୍ୟବହୃତ ହେବ ।

ଭଗୀଦାରମାନଙ୍କ ଦ୍ୱାରା ଉପାର୍ଜିତ ବ୍ୟକ୍ତିଗତ ଲାଭ ।

16. ଭଗୀଦାରମାନଙ୍କ ଦ୍ୱାରା ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) ଯଦି କୌଣସି ଭଗୀଦାର ଫାର୍ମର କୌଣସି କାରବାରରୁ, କିମ୍ବା ଫାର୍ମର ସମ୍ପତ୍ତି ବା ବ୍ୟବସାୟ ସମ୍ବନ୍ଧ ବା ଫାର୍ମ ନାମ ଉପଯୋଗରୁ ନିଜପାଇଁ କୌଣସି ଲଭ କରନ୍ତି, ତାହାହେଲେ ସେ ସେହି ଲାଭର ହିସାବ ଫାର୍ମକୁ ଦେବେ ଏବଂ ଫାର୍ମକୁ ସେହି ଲଭ ସଂଦାୟ କରିବେ ;

(ଖ) ଯଦି କୌଣସି ଭଗୀଦାର ଫାର୍ମର ବ୍ୟବସାୟର ଏକ ପ୍ରକୃତିର ହୋଇଥିବା ଏବଂ ତାହାର ପ୍ରତିଯୋଗୀ ହୋଇଥିବା ବ୍ୟବସାୟ କରନ୍ତି, ତାହାହେଲେ ସେ ସେଇ ବ୍ୟବସାୟରେ ତାଙ୍କଦ୍ୱାରା ହୋଇଥିବା ସମସ୍ତ ଲଭର ହିସାବ ଫାର୍ମକୁ ଦେବେ ଏବଂ ସମସ୍ତ ଲଭ ଫାର୍ମକୁ ସଂଦାୟ କରିବେ ।

ଭାଗୀଦାରମାନଙ୍କ ଅଧିକାର ଓ କର୍ତ୍ତବ୍ୟ ।

17. ଭଗୀଦାରମାନଙ୍କ ଦ୍ୱାରା ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି—

(କ) ଫାର୍ମରେ କୌଣସି ପରିବର୍ତ୍ତନ ହେବାପରେ—ଯେଉଁ ସ୍ଥଳେ ଫାର୍ମର ଗଠନରେ କୌଣସି ପରିବର୍ତ୍ତନ ଘଟେ ସେ ସ୍ଥଳେ ପୁନର୍ଗଠିତ ଫାର୍ମରେ ଭଗୀଦାରମାନଙ୍କର ପାରସ୍ପରିକ ଅଧିକାର ଓ କର୍ତ୍ତବ୍ୟ, ଯଥାସମ୍ଭବ ସେହି ପରିବର୍ତ୍ତନର ଅବ୍ୟବହିତ ପୂର୍ବରୁ ଯେପରି ଥିଲା ସେପରି ରହିବ ;

(ଖ) ଫାର୍ମର ଅବଧିର ଅବସାନ ପରେ—ଯେଉଁ ସ୍ଥଳେ ଏକ ଧାର୍ଯ୍ୟ ଅବଧି ନିମନ୍ତେ ଗଠିତ କୌଣସି ଫାର୍ମ, ସେହି ଅବଧିର ଅବସାନ ପରେ ବ୍ୟବସାୟ ଚଳାଏ ସେହିସ୍ଥଳେ, ଭଗୀଦାରମାନଙ୍କ ପାରସ୍ପରିକ ଅଧିକାର ଓ କର୍ତ୍ତବ୍ୟମାନ, ଯେପର୍ଯ୍ୟନ୍ତ ଇଚ୍ଛାଧୀନ ଭଗୀଦାରୀର ଘଟଣାଗୁଡ଼ିକ ସହ ସଙ୍ଗତ ଥିବ ସେ ପର୍ଯ୍ୟନ୍ତ ସେହି ଅବସାନ ପୂର୍ବରୁ ଯେପରି ଥିଲା ସେହିପରି ରହିବ ; ଏବଂ

(ଗ) ଅତିରିକ୍ତ ଉଦ୍ୟୋଗ ଚଳାଯିବା କ୍ଷେତ୍ରରେ—ଯେଉଁ ସ୍ଥଳେ ଏକ ବା ଅଧିକ ପ୍ରୋଦ୍ୟମ ବା ଉଦ୍ୟୋଗ ଚଳାଇବା ନିମିତ୍ତ ଗଠିତ କୌଣସି ଫାର୍ମ ଅନ୍ୟାନ୍ୟ ପ୍ରୋଦ୍ୟମ ବା ଉଦ୍ୟୋଗ ଚଳାଏ, ସେହିସ୍ଥଳେ ସେହି ଅନ୍ୟାନ୍ୟ ପ୍ରୋଦ୍ୟମ ବା ଉଦ୍ୟୋଗ ସଂପର୍କରେ ଭଗୀଦାରମାନଙ୍କର ପାରସ୍ପରିକ ଅଧିକାର ଓ କର୍ତ୍ତବ୍ୟ ମୂଳ ପ୍ରୋଦ୍ୟମ ବା ଉଦ୍ୟୋଗ ସଂପର୍କରେ ଯେପରି ହୁଏ ସେହିପରି ହେବ ।

## ଅଧ୍ୟାୟ IV

### ତୃତୀୟ ପକ୍ଷଙ୍କ ସହ ଭାଗୀଦାରମାନଙ୍କର ସଂପର୍କ

ଭଗୀଦାର ଫାର୍ମର ଏଜେଣ୍ଟ ହେବେ ।

18. ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, କୌଣସି ଭଗୀଦାର, ଫାର୍ମର ବ୍ୟବସାୟର ପ୍ରୟୋଜନ ନିମିତ୍ତ ଫାର୍ମର ଏଜେଣ୍ଟ ଅଟନ୍ତି ।

ଫାର୍ମର ଏଜେଣ୍ଟ ରୂପେ ଭଗୀଦାରଙ୍କର ବିବକ୍ଷିତ ପ୍ରାଧିକାର ।

19. (1) ଧାରା 22ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, ଫାର୍ମ ଯେଉଁ ପ୍ରକାରର ବ୍ୟବସାୟ କରୁଥିବ ସେହି ପ୍ରକାରର ବ୍ୟବସାୟକୁ ସ୍ୱାଭାବିକ ରୀତିରେ ଚଳାଇବା ପାଇଁ କୌଣସି ଭଗୀଦାର ଯେଉଁ କାର୍ଯ୍ୟ କରିଥିବେ ତାହା ଫାର୍ମକୁ ଆବଦ୍ଧକରେ ।

ଫାର୍ମକୁ ଆବଦ୍ଧ କରିବା ନିମିତ୍ତ ଏହି ଧାରା ଦ୍ୱାରା ପ୍ରଦତ୍ତ କୌଣସି ଭଗୀଦାରଙ୍କର ପ୍ରାଧିକାର ତାଙ୍କର "ବିବକ୍ଷିତ ପ୍ରାଧିକାର" ନାମରେ ଅଭିହିତ ।

(2) ବିପରୀତ ଭାବରେ ବ୍ୟାପାରର କୌଣସି ଚଳଣି ବା ଲୋକାଚାର ନଥିଲେ, କୌଣସି ଭଗୀଦାରଙ୍କର ବିବକ୍ଷିତ ପ୍ରାଧିକାର ତାହାଙ୍କୁ ନିମ୍ନୋକ୍ତଗୁଡ଼ିକ କରିବାକୁ କ୍ଷମତାପନ୍ନ କରେନାହିଁ—

(କ) ଫାର୍ମର ବ୍ୟବସାୟ ସମ୍ବନ୍ଧିତ କୌଣସି ବିବାଦକୁ ମଧ୍ୟସ୍ଥତା ନିମନ୍ତେ ପଠାଇବା ;

(ଖ) ଫାର୍ମ ତରଫରୁ ନିଜ ନାମରେ ବ୍ୟାଙ୍କ ହିସାବ ଖୋଲିବା;

(ଗ) ଫାର୍ମ ଦ୍ୱାରା କରାଯିବା କୌଣସି ଦାବି ବା ଦାବିର କୌଣସି ଭାଗକୁ ଆପୋଷ-ନିଷ୍ପତ୍ତି କରିବା ବା ତାହାକୁ ତ୍ୟାଗ କରିବା ।

(ଘ) ଫାର୍ମ ତରଫରୁ ଫାଇଲ କରଯାଇଥିବା କୌଣସି ମକଦ୍ଦମା ବା କାର୍ଯ୍ୟବିଧି ପ୍ରତ୍ୟାହାର କରିବା;

(ଙ) ଫାର୍ମ ବିରୁଦ୍ଧରେ କୌଣସି ମକଦ୍ଦମା ବା କାର୍ଯ୍ୟବିଧିରେ କୌଣସି ଦାୟିତ୍ୱ ଗ୍ରହଣ କରିବା;

(ଚ) ଫାର୍ମ ତରଫରୁ ସ୍ଥାବର ସମ୍ପତ୍ତି ଅର୍ଜନ କରିବା;

(ଛ) ଫାର୍ମର ସ୍ଥାବର ସମ୍ପତ୍ତି ଅନ୍ତରଣ କରିବା, ; ଅଥବା

(ଜ) ଫାର୍ମ ତରଫରୁ ଭଗୀଦାରୀରେ ପ୍ରବେଶ କରିବା ।

**ଭଗୀଦାରଙ୍କ ବିବକ୍ଷିତ ପ୍ରାଧିକାରର ବିସ୍ତାରଣ ଏବଂ କଟକଣା ।**

୨୦. କୌଣସି ଫାର୍ମର ଭଗୀଦାରମାନେ ଭଗୀଦାରମାନଙ୍କ ମଧ୍ୟରେ ଚୁକ୍ତି ଦ୍ୱାରା କୌଣସି ଭଗୀଦାରଙ୍କ ବିବକ୍ଷିତ ପ୍ରାଧିକାରକୁ ବିସ୍ତାର କରି ପାରିବେ ବା ତହିଁରେ କଟକଣା କରିପାରିବେ ।

ସେପରି କୌଣସି କଟକଣା ଥିବା ସତ୍ତ୍ୱେ, ଭଗୀଦାରଙ୍କ ଦ୍ୱାରା ଫାର୍ମ ତରଫରୁ କରଯାଇଥିବା ଯେଉଁ କାର୍ଯ୍ୟ, ତାଙ୍କର ବିବକ୍ଷିତ ପ୍ରାଧିକାର ମଧ୍ୟରେ ଆସେ, ତାହା, ଯଦି ସେହି ବ୍ୟକ୍ତି ଯାହା ସହିତ କାରବାର କରନ୍ତି, ସେ କଟକଣାକୁ ଜାଣି-ନଥାନ୍ତି କିମ୍ବା ସେହି ଭଗୀଦାରଙ୍କୁ ଜଣେ ଭଗୀଦାର ବୋଲି ସେ ଜ୍ଞାନ ବା ବିଶ୍ୱାସ ନ କରନ୍ତି ତାହାହେଲେ ଫାର୍ମକୁ, ଆବଦ୍ଧ କରେ ।

**ଆପଦକାଳରେ ଭଗୀଦାରଙ୍କ ପ୍ରାଧିକାର ।**

21. ଆପଦକାଳରେ ହାନିରୁ ସଂରକ୍ଷା କରିବାର ପ୍ରୟୋଜନ ନିମନ୍ତେ, ଜଣେ ସାଧାରଣ ପ୍ରଜ୍ଞାଥିବା ବ୍ୟକ୍ତି ତାଙ୍କ ନିଜ କ୍ଷେତ୍ରରେ ଏକା ପରିସ୍ଥିତିରେ କାର୍ଯ୍ୟ କରୁଥିବା ସମୟରେ ଯେପରି କରନ୍ତି, ସେପରି ସମସ୍ତ କାର୍ଯ୍ୟ କରିବାକୁ ଭଗୀଦାରଙ୍କର ପ୍ରାଧିକାର ରହିବ ଏବଂ ସେପରି କାର୍ଯ୍ୟମାନ ଫାର୍ମକୁ ଆବଦ୍ଧ କରିବ ।

**ଫାର୍ମକୁ ଆବଦ୍ଧ କରିବା ନିମିତ୍ତ କାର୍ଯ୍ୟକରିବାର ଢଙ୍ଗ ।**

22. କୌଣସି ଫାର୍ମକୁ ଆବଦ୍ଧ କରିବା ସକାଶେ, ଫାର୍ମ ତରଫରୁ କୌଣସି ଭଗୀଦାର ବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା କରଯିବା କୌଣସି କାର୍ଯ୍ୟ ବା ନିଷ୍ପାଦିତ କରଯିବା କୌଣସି ବିଲେଖ, ଫାର୍ମ ନାମରେ ବା ଫାର୍ମକୁ ଆବଦ୍ଧ କରିବା ଆଶୟରେ ଅଭିବ୍ୟକ୍ତ ବା ବିବକ୍ଷିତ କରି ଅନ୍ୟ କୌଣସି ରୀତିରେ କରଯିବ ବା ନିଷ୍ପାଦିତ ହେବ ।

**ଭଗୀଦାରଙ୍କ ଦ୍ୱାରା ସ୍ୱୀକୃତିର ପ୍ରଭାବ ।**

23. ଫାର୍ମର ବ୍ୟାପାର ସମ୍ପର୍କରେ କୌଣସି ଭଗୀଦାରଙ୍କ ଦ୍ୱାରା ହୋଇଥିବା ସ୍ୱୀକୃତି ବା ବ୍ୟପଦେଶନ ଯଦି ବ୍ୟବସାୟର ସାଧାରଣ ଅନୁକ୍ରମରେ ହୋଇଥାଏ ତାହାହେଲେ ତାହା ଫାର୍ମ ବିରୁଦ୍ଧରେ ଏକ ସାକ୍ଷ୍ୟ ଅଟେ ।

**କାର୍ଯ୍ୟକାରୀ ଭଗୀଦାରଙ୍କୁ ଦିଆଯିବା ସୂଚନାର ପ୍ରଭାବ ।**

24. ଯେଉଁ ଭଗୀଦାର, ସ୍ୱଭାବତଃ ଫାର୍ମର ବ୍ୟବସାୟ ନେଇ କାର୍ଯ୍ୟ କରନ୍ତି ତାହାଙ୍କ ଉପରେ ଫାର୍ମର ବ୍ୟାପାର ସମ୍ପର୍କିତ ଯେକୌଣସି ବିଷୟରେ କରଯାଇଥିବା ଏକ ନୋଟିସ୍, ସେହି ଭଗୀଦାରଙ୍କ ଦ୍ୱାରା ବା ତାହାଙ୍କ ସମ୍ମତିରେ ଫାର୍ମପ୍ରତି କରଯାଇଥିବା ଏକ ପ୍ରବଞ୍ଚନାର ଘଟଣା ବ୍ୟତୀତ ଅନ୍ୟ ଘଟଣାରେ ଫାର୍ମପ୍ରତି ଏକ ନୋଟିସ୍ ଭାବରେ କାର୍ଯ୍ୟ କରିବ ।

**ଫାର୍ମର କାର୍ଯ୍ୟ ନିମିତ୍ତ ଭଗୀଦାରଙ୍କ ଦାୟିତ୍ୱ ।**

25. ପ୍ରତ୍ୟେକ ଭଗୀଦାର, ସେ ଜଣେ ଭଗୀଦାର ରହିଥିବା ସମୟରେ କରଯାଇଥିବା ଫାର୍ମର ସମସ୍ତ କାର୍ଯ୍ୟ ନିମନ୍ତେ ଅନ୍ୟ ସମସ୍ତ ଭଗୀଦାରମାନଙ୍କ ସହ ସଂଯୁକ୍ତ ଭାବରେ ଏବଂ ପୃଥକ ଭାବରେ ମଧ୍ୟ ଦାୟୀ ରହିବେ ।

**ଭଗୀଦାରଙ୍କର ଦୋଷାବହ କାର୍ଯ୍ୟ ନିମିତ୍ତ ଫାର୍ମର ଦାୟିତ୍ୱ ।**

26. ଯେଉଁ ସ୍ଥଳେ, କୌଣସି ଫାର୍ମର ବ୍ୟବସାୟର ସାଧାରଣ ଅନୁକ୍ରମରେ କିମ୍ବା ଭଗୀଦାରମାନଙ୍କ ପ୍ରାଧିକାର କ୍ରମେ କାର୍ଯ୍ୟ କରୁଥିବା କୌଣସି ଭଗୀଦାରଙ୍କ ଦୋଷାବହ କାର୍ଯ୍ୟ ବା ଲୋପଦ୍ୱାରା କୌଣସି ତୃତୀୟ ପକ୍ଷଙ୍କ ପ୍ରତି ହାନି ବା କ୍ଷତି କରଯାଏ ବା କୌଣସି ଶାସ୍ତି ଉପଗତ ହୁଏ, ସେହିସ୍ଥଳେ, ସେହି ଭଗୀଦାର ଦାୟୀ ହେବାଯାଏଁ ଫାର୍ମ ସେହି ବିସ୍ତାର ପର୍ଯ୍ୟନ୍ତ ଦାୟୀ ହେବ ।

**ଭଗୀଦାର-ମାନଙ୍କ ଦ୍ୱାରା ଅପପ୍ରୟୋଗ ନିମିତ୍ତ ଫାର୍ମର ଦାୟିତ୍ୱ ।**

27. ଯେଉଁ ସ୍ଥଳେ—

(କ) କୌଣସି ଭଗୀଦାର ତାଙ୍କର ପ୍ରତୀୟମାନ ପ୍ରାଧିକାର ମଧ୍ୟରେ କାର୍ଯ୍ୟ କରୁଥିବାବେଳେ କୌଣସି ତୃତୀୟ ପକ୍ଷଙ୍କଠାରୁ ଧନ ବା ସମ୍ପତ୍ତି ଗ୍ରହଣ କରନ୍ତି ଏବଂ ତାହା ଦୁର୍ବିନିଯୋଗ କରନ୍ତି, ଅଥବା

(ଖ) କୌଣସି ଫାର୍ମ ତାହାର ବ୍ୟବସାୟ ଅନୁକ୍ରମରେ କୌଣସି ତୃତୀୟ ପକ୍ଷଙ୍କ ଠାରୁ ଧନ ବା ସମ୍ପତ୍ତି ଗ୍ରହଣ କରେ, ଏବଂ ସେହି ଧନ ବା ସମ୍ପତ୍ତି ଫାର୍ମର ଅଭିରକ୍ଷାରେ ଥିବା ସମୟରେ ଯେ କୌଣସି ଭଗୀଦାରଙ୍କ ଦ୍ୱାରା ଦୁର୍ବିନିଯୋଗ କରଯାଏ,

ସେହିସ୍ଥଳେ, ଫାର୍ମ ସେହି ହାନି ପ୍ରତିପୂର୍ତ୍ତି କରିବା ନିମିତ୍ତ ଦାୟୀ ।

**ବ୍ୟପଦେଶନ**

28. (1) ଯେଉଁ ବ୍ୟକ୍ତି ମୌଖିକ ବା ଲିଖିତ ଶବ୍ଦ ଦ୍ୱାରା ବା ଆଚରଣ ଦ୍ୱାରା କୌଣସି ଫାର୍ମର ଜଣେ ଭଗୀଦାର ଭାବରେ ନିଜକୁ ବ୍ୟପଦେଶନ କରନ୍ତି ବା ନିଜକୁ ଜାଣିଶୁଣି ସେପରି ବ୍ୟପଦେଶନ କରନ୍ତି ସେ, ଫାର୍ମକୁ

ଅନ୍ୟ ଯେଉଁ ବ୍ୟକ୍ତି ତାହାଙ୍କ ବ୍ୟପଦେଶନ ଉପରେ ବିଶ୍ୱାସ ରଖି ଉଧାର ଦେଉଥିବେ ତାହାଙ୍କ ପାଖରେ ସେପରି ବ୍ୟପଦେଶନ ବିଷୟ ପହଞ୍ଚିଛି ବୋଲି ଜାଣିଥାନ୍ତୁ ବା ନ ଜାଣିଥାନ୍ତୁ, ଉଧାର ଦେଉଥିବା ସେହି ବ୍ୟକ୍ତିଙ୍କ ନିକଟରେ ସେହି ଫାର୍ମର ଏକ ଭଗୀଦାର ଭବରେ ଦାୟୀ ରହିବେ ।

(୨) ଯେଉଁ ସ୍ଥଳେ କୌଣସି ଭଗୀଦାରଙ୍କ ମୃତ୍ୟୁ ପରେ ସେହି ବ୍ୟବସାୟ ପୁରାତନ ଫାର୍ମ ନାମରେ ଚାଲୁ ରଖା-ଯାଏ, ସେହିସ୍ଥଳେ ସେହି ନାମ୍ର ବା ତାହାର ଭାଗ ସ୍ୱରୂପ ମୃତ ଭଗୀଦାରଙ୍କ ନାମର ଏ ପ୍ରକାର ଚାଲୁ ରହିଥିବା ବ୍ୟବହାର ତାଙ୍କର ବିଧିକ ପ୍ରତିନିଧି ବା ତାଙ୍କର ସମ୍ପଦାକୁ ତାଙ୍କର ମୃତ୍ୟୁ ପରେ କରଯାଇଥିବା ଫାର୍ମର କୌଣସି କାର୍ଯ୍ୟ ନିମନ୍ତେ ଛାଏଁ ଦାୟୀ କରିବନାହିଁ ।

**ଭଗୀଦାରଙ୍କ ସ୍ୱାର୍ଥରେ ଅନ୍ତରଣ ଗ୍ରହୀତାଙ୍କ ଅଧିକାର ।**

29. (1) କୌଣସି ଭଗୀଦାରଙ୍କ ଦ୍ୱାରା ଫାର୍ମରେ ତାଙ୍କ ସ୍ୱାର୍ଥର ପୂର୍ଣ୍ଣରୂପେ ହେଉ ବା ବନ୍ଧକଦ୍ୱାରା ହେଉ କିମ୍ବା ସେପରି ସ୍ୱାର୍ଥ ଉପରେ ତାଙ୍କଦ୍ୱାରା କୌଣସି ଭରର ସୃଜନଦ୍ୱାରା କରଯିବା ଅନ୍ତରଣ ଗ୍ରହୀତାଙ୍କୁ, ଫାର୍ମ ଚାଲୁ ରହିଥିବ ମଧ୍ୟରେ ଫାର୍ମର ବ୍ୟବସାୟ ସଞ୍ଚାଳନରେ ହସ୍ତକ୍ଷେପ କରିବାକୁ, କିମ୍ବା ହିସାବ ତଲବ କରିବାକୁ ବା ବହିଗୁଡ଼ିକ ନିରୀକ୍ଷଣ କରିବାକୁ ହକ୍‌ଦାର କରିବନାହିଁ, କିନ୍ତୁ ତାହା ଅନ୍ତରଣ ଗ୍ରହୀତାଙ୍କୁ କେବଳ ଅନ୍ତରକ ଭଗୀଦାରଙ୍କ ଲଭର ଅଂଶ ପାଇବାକୁ ହକ୍‌ଦାର କରିବ, ଏବଂ ସେହି ଅନ୍ତରଣ ଗ୍ରହୀତା ଲଭର ଯେଉଁ ହିସାବପ୍ରତି ଭଗୀଦାରମାନେ ସହମତ ହୋଇଥିବେ ଯେହି ହିସାବ ଗ୍ରହଣ କରିନେବେ ।

(2) ଯଦି ଫାର୍ମଟିକୁ ବିଘଟିତ କରିଦିଆଯାଏ କିମ୍ବା ଯଦି ଅନ୍ତରକ ଭଗୀଦାରଙ୍କୁ ଭଗୀଦାର ରୂପେ ରଖା ନ'ଯାଏ ତାହାହେଲେ ଅନ୍ତରଣ ଗ୍ରହୀତା ଅବଶିଷ୍ଟ ଭାଗୀଦାରମାନଙ୍କ ସମକ୍ଷରେ, ଅନ୍ତରକ-ଭଗୀଦାର ଫାର୍ମର ଆସ୍ତିଗୁଡ଼ିକର ଯେଉଁ ଅଂଶ ପାଇବାକୁ ହକ୍‌ଦାର ତାହା ପାଇବାକୁ ହକ୍‌ଦାର ହେବେ, ଏବଂ ସେହି ଅଂଶ ନିରୂପଣ କରିବା ନିମନ୍ତେ ଫାର୍ମ ବିଘଠିତ ହେବା ତାରିଖଠାରୁ ଏକ ହିସାବ ନେବାକୁ ହକ୍‌ଦାର ହେବେ ।

**ଅପ୍ରାପ୍ତ ବୟସ୍କମାନଙ୍କୁ ଭଗୀଦାରୀର ହିତ ନିମିତ୍ତ ଗ୍ରହଣ କରିବା ।**

30. (1) ଯେଉଁ ବ୍ୟକ୍ତି ସେ ଅଧ୍ୟଧୀନ ଥିବା ବିଧି ଅନୁସାରେ ଜଣେ ଅପ୍ରାପ୍ତ ବୟସ୍କ ଅଟନ୍ତି, ସେ କୌଣସି ଫାର୍ମରେ ଭଗୀଦାର ହୋଇପାରିବେ ନାହିଁ, କିନ୍ତୁ, ତତ୍‌ସମୟେ ସମସ୍ତ ଭଗୀଦାରମାନଙ୍କ ସମ୍ମତି ସହ ତାହାଙ୍କୁ ଭଗୀଦାରୀର ହିତ ନିମିତ୍ତ ଗ୍ରହଣ କରଯାଇ ପାରିବ ।

(2) ସେପରି ଅପ୍ରାପ୍ତବୟସ୍କଙ୍କର, ରାଜିନାମାମତେ ଫାର୍ମର ସମ୍ପତ୍ତି ଓ ଲଭର ସେପରି ଅଂଶ ପାଇବା ନିମିତ୍ତ ଅଧିକାର ରହିବ ଏବଂ ସେ ଫାର୍ମର କୌଣସି ହିସାବ ଦେଖି ପାରିବେ ଏବଂ ତାହାକୁ ନିରୀକ୍ଷଣ କରିପାରିବେ ଓ ତହିଁରୁ ନକଲ ନେଇ ପାରିବେ ।

(3) ସେପରି ଅପ୍ରାପ୍ତବୟସ୍କଙ୍କ ଅଂଶ ଫାର୍ମର କାର୍ଯ୍ୟ ନିମିତ୍ତ ଦାୟୀ ଅଟେ, କିନ୍ତୁ ସେହି ଅପ୍ରାପ୍ତବୟସ୍କ ସେପରି କୌଣସି କାର୍ଯ୍ୟ ନିମିତ୍ତ ବ୍ୟକ୍ତିଗତ ଭବେ ଦାୟୀ ନୁହଁନ୍ତି ।

(4) ସେପରି ଅପ୍ରାପ୍ତବୟସ୍କ ଫାର୍ମ ସହ ତାଙ୍କର ସମ୍ବନ୍ଧ ବିଚ୍ଛେଦ କରିବା ସମୟ ବ୍ୟତୀତ ଅନ୍ୟ ସମୟରେ ଫାର୍ମର ସମ୍ପତ୍ତି ବା ଲଭରେ ତାଙ୍କର ଅଂଶର ହିସାବ ବା ସଂଦାୟ ନିମିତ୍ତ ଭଗୀଦାରମାନଙ୍କ ଉପରେ ନାଲିସ୍ କରିପାରିବେ ନାହିଁ, ଏବଂ ସେପରି କ୍ଷେତ୍ରରେ ତାଙ୍କ ଅଂଶର ପରିମାଣ ଯଥାସମ୍ଭବ ଧାରା 48ରେ ଥିବା ନିୟମାବଳୀ ଅନୁସାରେ କରଯିବା ମୂଲ୍ୟାଙ୍କନ ଦ୍ୱାରା ଅବଧାରିତ ହେବ :

ପରନ୍ତୁ ଏକତ୍ର କାର୍ଯ୍ୟ କରୁଥିବା ସମସ୍ତ ଭଗୀଦାର କିମ୍ବା ଫାର୍ମ ବିଘଟନ କରିବାକୁ ହକ୍‌ଦାର ଥିବା କୌଣସି ଭଗୀଦାର ଅନ୍ୟ ଭଗୀଦାରମାନଙ୍କୁ ସୂଚନା ଦେଇ ସେପରି ମକଦ୍ଦମାରେ ଫାର୍ମକୁ ବିଘଟନ କରିବାକୁ ଚାହିଁପାରିବେ, ଏବଂ ତାହାପରେ ନ୍ୟାୟାଳୟ, ବିଘଟନ ନିମିତ୍ତ ଓ ଭାଗୀଦାରମାନଙ୍କ ମଧ୍ୟରେ ହିସାବ ତୁଟାଇବା ସକାଶେ ସେହି ମକଦ୍ଦମାରେ ଆଗେଇବ, ଏବଂ ଅପ୍ରାପ୍ତବୟସ୍କଙ୍କ ଅଂଶର ପରିମାଣ ଭାଗୀଦାରମାନଙ୍କର ଅଂଶ ସହିତ ଅବଧାରିତ କରଯିବ ।

(5) ସେପରି ବ୍ୟକ୍ତି, ପ୍ରାପ୍ତବୟସ୍କ, ହୋଇଯିବା ତାରିଖ ଓ ଭାଗୀଦାରୀର ହିତ ନିମିତ୍ତ ତାଙ୍କୁ ଗଣ୍ୟ କରଯାଇଥିଲ ବୋଲି ତାଙ୍କର ଜ୍ଞାନ ହେବା ତାରିଖ ମଧ୍ୟରୁ ଯେଉଁ ତାରିଖଟି ପରବର୍ତ୍ତୀ ସେହି ତାରିଖଠାରୁ ଛଅ ମାସ ମଧ୍ୟରେ ଯେକୌଣସି ସମୟରେ, ସେ ଫାର୍ମରେ ଜଣେ ଭାଗୀଦାର ହେବାକୁ ପସନ୍ଦ କରିଛନ୍ତି କିମ୍ବା ନ ହେବାକୁ ପସନ୍ଦ କରିଛନ୍ତି ବୋଲି ସର୍ବସାଧାରଣ ସୂଚନା ଦେଇପାରିବେ, ଏବଂ ସେପରି ସୂଚନା ଫାର୍ମ ସଂକ୍ରାନ୍ତରେ ତାଙ୍କର ସ୍ଥିତି ଅବଧାରଣ କରିବ :

ପରନ୍ତୁ, ଯଦି ସେ ସେପରି ସୂଚନା ଦେବାରେ ବିଫଳ ହୁଅନ୍ତି ତାହାହେଲେ, ସେ ଉକ୍ତ ଛଅ ମାସର ଅବସାନପରେ ଫାର୍ମରେ ଜଣେ ଭାଗୀଦାର ହେବେ ।

(6) ଯେଉଁସ୍ଥଳେ କୌଣସି ବ୍ୟକ୍ତି ଜଣେ ଅପ୍ରାପ୍ତବୟସ୍କ ରୂପେ କୌଣସି ଫାର୍ମରେ ଭାଗୀଦାରୀର ହିତ ନିମିତ୍ତ ଗଣ୍ୟ ହୋଇଥିବେ, ସେହିସ୍ଥଳେ ସେ ପ୍ରାପ୍ତବୟସ୍କ ହେବାଠାରୁ ଛଅ ମାସର ଅବସ୍ଥାନପରେ କୌଣସି ବିଶିଷ୍ଟ ତାରିଖ ପର୍ଯ୍ୟନ୍ତ ସେପରି ଗଣ୍ୟ ହୋଇଥିବାର ଜ୍ଞାନ ସେପରି ବ୍ୟକ୍ତିଙ୍କର ନ ଥିଲା ବୋଲି ତଥ୍ୟ ଦେବାର ଭାର ସେହି ତଥ୍ୟ ପ୍ରତିପାଦିତ କରାଇବା ବ୍ୟକ୍ତିଙ୍କ ଉପରେ ରହିବ ।

(7) ଯେଉଁସ୍ଥଳେ ସେପରି ବ୍ୟକ୍ତି ଜଣେ ଭାଗୀଦାର ହୁଅନ୍ତି, ସେହିସ୍ଥଳେ,—

(କ) ଜଣେ ଅପ୍ରାପ୍ତବୟସ୍କ ରୂପେ ତାଙ୍କର ଅଧିକାର ଓ ଦାୟିତ୍ୱ ସେହି ତାରିଖ ପର୍ଯ୍ୟନ୍ତ ରହିବ ଯେଉଁ ତାରିଖରେ ସେ ଜଣେ ଭାଗୀଦାର ହେବେ, କିନ୍ତୁ ସେ ଭାଗୀଦାରୀର ହିତ ନିମିତ୍ତ ଗୃହୀତ ହେବାଠାରୁ ଫାର୍ମର କରାଯାଇଥିବା ସମସ୍ତ କୃତ୍ୟ ପାଇଁ ତୃତୀୟ ପକ୍ଷଙ୍କଠାରେ ସେ ବ୍ୟକ୍ତିଗତ ଭାବରେ ମଧ୍ୟ ଦାୟୀ ରହିବେ, ଏବଂ

(ଖ) ସେ ଅପ୍ରାପ୍ତବୟସ୍କ ରୂପେ ଯେଉଁ ଅଂଶ ପାଇବାକୁ ହକ୍‌ଦାର ଥିଲେ, ଫାର୍ମର ସଂପତ୍ତି ଏବଂ ଲାଭରେ ତାଙ୍କର ସେହି ଅଂଶ ରହିବ ।

(8) ଯେଉଁସ୍ଥଳେ ସେପରି ବ୍ୟକ୍ତି ଜଣେ ଭାଗୀଦାର ନ ହେବାକୁ ନିର୍ବାଚନ କରନ୍ତି ସେହିସ୍ଥଳେ :—

(କ) ଯେଉଁ ତାରିଖରେ ସେ ସର୍ବସାଧାରଣ ସୂଚନା ଦେବେ ସେହି ତାରିଖ ପର୍ଯ୍ୟନ୍ତ ଏହି ଧାରା ଅନୁଯାୟୀ ଜଣେ ଅପ୍ରାପ୍ତବୟସ୍କଙ୍କ ଭଳି ତାଙ୍କର ଅଧିକାର ଓ ଦାୟିତ୍ୱ ରହିବ,

(ଖ) ତାଙ୍କର ଅଂଶ ସୂଚନା ଦେବା ତାରିଖ ପରେ ଫାର୍ମର କରାଯାଇଥିବା କୌଣସି କୃତ୍ୟପାଇଁ ଦାୟୀ ହେବନାହିଁ, ଏବଂ

(ଗ) ସଂପତ୍ତି ଓ ଲାଭର ତାଙ୍କ ଅଂଶ ପାଇଁ ସେ ଉପଧାରା (4) ଅନୁସାରେ ଭାଗୀଦାରମାନଙ୍କ ବିରୁଦ୍ଧରେ ନାଲିସ କରିବାକୁ ହକ୍‌ଦାର ହେବେ ।

(9) ଉପଧାରା (7) ଓ (8)ରେ ଥିବା କୌଣସି ବିଷୟ ଧାରା 28ର ଉପବନ୍ଧଗୁଡ଼ିକୁ ପ୍ରଭାବିତ କରିବ ନାହିଁ ।

## ଅଧ୍ୟାୟ V

### ନବାଗତ ଏବଂ ବିଦାୟୀ ଭାଗୀଦାରମାନେ

କୌଣସି ଭାଗୀଦାରଙ୍କୁ ପ୍ରବିଷ୍ଟ କରାଯିବା ।

31. (1) ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିପ୍ରତି ଓ ଧାରା 30ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, କୌଣସି ବ୍ୟକ୍ତିଙ୍କୁ ଭାଗୀଦାର ରୂପେ ସମସ୍ତ ବିଦ୍ୟମାନ ଭାଗୀଦାରମାନଙ୍କ ସମ୍ମତି ବିନା ଫାର୍ମରେ ପ୍ରବିଷ୍ଟ କରାଯିବ ନାହିଁ ।

(2) ଧାରା 30ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, ଯେଉଁ ବ୍ୟକ୍ତିକୁ ଫାର୍ମର ଜଣେ ଭାଗୀଦାର ରୂପେ ପ୍ରବିଷ୍ଟ କରାଯାଇଥିବ ତଦ୍ଦ୍ୱାରା ସେ ଭାଗୀଦାର ହେବା ପୂର୍ବରୁ କରାଯାଇଥିବା ଫାର୍ମର କୌଣସି କାର୍ଯ୍ୟପାଇଁ ଦାୟୀ ହେବେ ନାହିଁ ।

ଭାଗୀଦାରଙ୍କ ଅବସର ଗ୍ରହଣ ।

32. (1) କୌଣସି ଭାଗୀଦାର—

(କ) ଅନ୍ୟ ସମସ୍ତ ଭାଗୀଦାରମାନଙ୍କ ସମ୍ମତି କ୍ରମେ,

(ଖ) ଭାଗୀଦାରମାନଙ୍କ ଦ୍ୱାରା କରାଯିବା କୌଣସି ଅଭିବ୍ୟକ୍ତ ରାଜିନାମା ଅନୁସାରେ, କିମ୍ବା

(ଗ) ଯେଉଁସ୍ଥଳେ ଭାଗୀଦାରୀ ଇଚ୍ଛାଧୀନ ଅଟେ ସେହିସ୍ଥଳେ, ଅନ୍ୟ ସମସ୍ତ ଭାଗୀଦାରମାନଙ୍କୁ ଅବସର ଗ୍ରହଣ କରିବାକୁ ତାଙ୍କର ଆଶୟ ଦର୍ଶାଇ ଲିଖିତ ସୂଚନା ଦେଇ ଅବସର ନେଇ ପାରିବେ ।

(2) କୌଣସି ଅବସରପ୍ରାପ୍ତ ଭାଗୀଦାର ତାଙ୍କର ଅବସର ଗ୍ରହଣ ପୂର୍ବରୁ କରାଯାଇଥିବା ଫାର୍ମର କାର୍ଯ୍ୟ ନିମିତ୍ତ କୌଣସି ତୃତୀୟପକ୍ଷଙ୍କ ପ୍ରତି କୌଣସି ଦାୟିତ୍ୱରୁ, ଯାହାକି ସେପରି ତୃତୀୟ ପକ୍ଷ ଓ ପୁନର୍ଗଠିତ ଫାର୍ମର ଭାଗୀଦାରମାନଙ୍କ ସହ ସେ କୌଣସି ରାଜିନାମା ଦ୍ୱାରା କରିଥିଲେ, ସେଥିରୁ ମୁକ୍ତ କରାଯାଇପାରିବ ଏବଂ ସେପରି ରାଜିନାମା ତାଙ୍କର ସେହି ଅବସର ଗ୍ରହଣର ଜ୍ଞାନ, ହେବାପରେ ସେପରି ତୃତୀୟପକ୍ଷ ଏବଂ ପୁନର୍ଗଠିତ ଫାର୍ମ ମଧ୍ୟରେ ଏକ ବ୍ୟବହାର ଚର୍ଚ୍ଚାଦ୍ୱାରା ବିବକ୍ଷିତ ହୋଇପାରିବ ।

(6) ଯେଉଁଠାରେ କୌଣସି ବ୍ୟକ୍ତି ଜଣେ ଅପ୍ରାପ୍ତବୟସ୍କ ରୂପେ କୌଣସି ଫାର୍ମରେ ଭାଗୀଦାରୀର ହିତ ନିମିତ୍ତ ଗଣ୍ୟ ହୋଇଥିବେ, ସେହିସ୍ଥଳେ ସେ ପ୍ରାପ୍ତବୟସ୍କ ହେବାଠାରୁ ଛଅ ମାସର ଅବସ୍ଥାନପରେ କୌଣସି ବିଶିଷ୍ଟ ତାରିଖ ପର୍ଯ୍ୟନ୍ତ ସେପରି ଗଣ୍ୟ ହୋଇଥିବାର ଜ୍ଞାନ ସେପରି ବ୍ୟକ୍ତିଙ୍କର ନ ଥିଲା ବୋଲି ତଥ୍ୟ ଦେବାର ଭାର ସେହି ତଥ୍ୟ ପ୍ରତିପାଦିତ କରଇବା ବ୍ୟକ୍ତିଙ୍କ ଉପରେ ରହିବ ।

(7) ଯେଉଁଠାରେ ସେପରି ବ୍ୟକ୍ତି ଜଣେ ଭାଗୀଦାର ହୁଅନ୍ତି, ସେହିସ୍ଥଳେ,—

(କ) ଜଣେ ଅପ୍ରାପ୍ତବୟସ୍କ ରୂପେ ତାଙ୍କର ଅଧିକାର ଓ ଦାୟିତ୍ୱ ସେହି ତାରିଖ ପର୍ଯ୍ୟନ୍ତ ରହିବ ଯେଉଁ ତାରିଖରେ ସେ ଜଣେ ଭାଗୀଦାର ହେବେ, କିନ୍ତୁ ସେ ଭାଗୀଦାରୀର ହିତ ନିମିତ୍ତ ଗୃହୀତ ହେବାଠାରୁ ଫାର୍ମର କରାଯାଇଥିବା ସମସ୍ତ କୃତ୍ୟ ପାଇଁ ତୃତୀୟ ପକ୍ଷଙ୍କଠାରେ ସେ ବ୍ୟକ୍ତିଗତ ଭାବରେ ମଧ୍ୟ ଦାୟୀ ରହିବେ, ଏବଂ

(ଖ) ସେ ଅପ୍ରାପ୍ତବୟସ୍କ ରୂପେ ଯେଉଁ ଅଂଶ ପାଇବାକୁ ହକ୍‌ଦାର ଥିଲେ, ଫାର୍ମର ସଂପତ୍ତି ଏବଂ ଲାଭରେ ତାଙ୍କର ସେହି ଅଂଶ ରହିବ ।

(8) ଯେଉଁଠାରେ ସେପରି ବ୍ୟକ୍ତି ଜଣେ ଭାଗୀଦାର ନ ହେବାକୁ ନିର୍ବାଚନ କରନ୍ତି ସେହିସ୍ଥଳେ :—

(କ) ଯେଉଁ ତାରିଖରେ ସେ ସର୍ବସାଧାରଣ ସୂଚନା ଦେବେ ସେହି ତାରିଖ ପର୍ଯ୍ୟନ୍ତ ଏହି ଧାରା ଅନୁଯାୟୀ ଜଣେ ଅପ୍ରାପ୍ତବୟସ୍କଙ୍କ ଭଳି ତାଙ୍କର ଅଧିକାର ଓ ଦାୟିତ୍ୱ ରହିବ,

(ଖ) ତାଙ୍କର ଅଂଶ ସୂଚନା ଦେବା ତାରିଖ ପରେ ଫାର୍ମର କରାଯାଇଥିବା କୌଣସି କୃତ୍ୟପାଇଁ ଦାୟୀ ହେବନାହିଁ, ଏବଂ

(ଗ) ସଂପତ୍ତି ଓ ଲାଭର ତାଙ୍କ ଅଂଶ ପାଇଁ ସେ ଉପଧାରା (4) ଅନୁସାରେ ଭାଗୀଦାରମାନଙ୍କ ବିରୁଦ୍ଧରେ ନାଲିସ କରିବାକୁ ହକ୍‌ଦାର ହେବେ ।

(9) ଉପଧାରା (7) ଓ (8)ରେ ଥିବା କୌଣସି ବିଷୟ ଧାରା 28ର ଉପବନ୍ଧଗୁଡ଼ିକୁ ପ୍ରଭାବିତ କରିବ ନାହିଁ ।

## ଅଧ୍ୟାୟ V

### ନବାଗତ ଏବଂ ବିଦାୟୀ ଭାଗୀଦାରମାନେ

ଜଣେ ଭାଗୀଦାରକୁ ପ୍ରବିଷ୍ଟ କରାଯିବା ।

31. (1) ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିପ୍ରତି ଓ ଧାରା 30ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, କୌଣସି ବ୍ୟକ୍ତିଙ୍କୁ ଭାଗୀଦାର ରୂପେ ସମସ୍ତ ବିଦ୍ୟମାନ ଭାଗୀଦାରମାନଙ୍କ ସମ୍ମତି ବିନା ଫାର୍ମରେ ପ୍ରବିଷ୍ଟ କରାଯିବ ନାହିଁ ।

(2) ଧାରା 30ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ରହି, ଯେଉଁ ବ୍ୟକ୍ତିକୁ ଫାର୍ମର ଜଣେ ଭାଗୀଦାର ରୂପେ ପ୍ରବିଷ୍ଟ କରାଯାଇଥିବ ତଦ୍ୱାରା ସେ ଭାଗୀଦାର ହେବା ପୂର୍ବରୁ କରାଯାଇଥିବା ଫାର୍ମର କୌଣସି କାର୍ଯ୍ୟପାଇଁ ଦାୟୀ ହେବେ ନାହିଁ ।

ଭାଗୀଦାରଙ୍କ ଅବସର ଗ୍ରହଣ ।

32. (1) କୌଣସି ଭାଗୀଦାର—

(କ) ଅନ୍ୟ ସମସ୍ତ ଭାଗୀଦାରମାନଙ୍କ ସମ୍ମତି କ୍ରମେ,

(ଖ) ଭାଗୀଦାରମାନଙ୍କ ଦ୍ୱାରା କରାଯିବା କୌଣସି ଅଭିବ୍ୟକ୍ତ ରାଜିନାମା ଅନୁସାରେ, କିମ୍ବା

(ଗ) ଯେଉଁଠାରେ ଭାଗୀଦାରୀ ଇଚ୍ଛାଧୀନ ଅଟେ ସେହିସ୍ଥଳେ, ଅନ୍ୟ ସମସ୍ତ ଭାଗୀଦାରମାନଙ୍କୁ ଅବସର ଗ୍ରହଣ କରିବାକୁ ତାଙ୍କର ଆଶୟ ଦର୍ଶାଇ ଲିଖିତ ସୂଚନା ଦେଇ ଅବସର ନେଇ ପାରିବେ ।

(2) କୌଣସି ଅବସରପ୍ରାପ୍ତ ଭାଗୀଦାର ତାଙ୍କର ଅବସର ଗ୍ରହଣ ପୂର୍ବରୁ କରାଯାଇଥିବା ଫାର୍ମର କାର୍ଯ୍ୟ ନିମିତ୍ତ କୌଣସି ତୃତୀୟପକ୍ଷଙ୍କ ପ୍ରତି କୌଣସି ଦାୟିତ୍ୱରୁ, ଯାହାକି ସେପରି ତୃତୀୟ ପକ୍ଷ ଓ ପୁନର୍ଗଠିତ ଫାର୍ମର ଭାଗୀଦାରମାନଙ୍କ ସହ ସେ କୌଣସି ରାଜିନାମା ଦ୍ୱାରା କରିଥିଲେ, ସେଥିରୁ ମୁକ୍ତ କରାଯାଇପାରିବ ଏବଂ ସେପରି ରାଜିନାମା ତାଙ୍କର ସେହି ଅବସର ଗ୍ରହଣର ଜ୍ଞାନ, ହେବାପରେ ସେପରି ତୃତୀୟପକ୍ଷ ଏବଂ ପୁନର୍ଗଠିତ ଫାର୍ମ ମଧ୍ୟରେ ଏକ ବ୍ୟବହାର ଚର୍ଚ୍ଚାଦ୍ୱାରା ବିବକ୍ଷିତ ହୋଇପାରିବ ।

(3) ଫାର୍ମରୁ କୌଣସି ଭଗୀଦାର ଅବସର ଗ୍ରହଣ କରିବା ସତ୍ତ୍ୱେ, ଅବସର ଗ୍ରହଣର ସର୍ବସାଧାରଣ ସୂଚନା ଦିଆ ନ ଯିବା ପର୍ଯ୍ୟନ୍ତ, ସେ ଓ ଭଗୀଦାରମାନେ ସେମାନଙ୍କ ମଧ୍ୟରୁ କାହାରି ଦ୍ୱାରା କରାଯାଇଥିବା କୌଣସି କାର୍ଯ୍ୟ, ଯାହାକି ସେହି ଅବସର ଗ୍ରହଣ ପୂର୍ବରୁ କରାଯାଇଥିଲେ ମଧ୍ୟ ଫାର୍ମର କାର୍ଯ୍ୟ ହୋଇଥିବ, ତାହା ନିମିତ୍ତ ତୃତୀୟପକ୍ଷ ପ୍ରତି ଦାୟୀ ରହିବେ :

ପରନ୍ତୁ କୌଣସି ଅବସରପ୍ରାପ୍ତ ଭଗୀଦାର, ସେ ଜଣେ ଭଗୀଦାରଥିଲେ ବୋଲି ନ ଜାଣି ଫାର୍ମ ସହ ବ୍ୟବହାର କରୁଥିବା କୌଣସି ତୃତୀୟପକ୍ଷ ପ୍ରତି ଦାୟୀ ହେବେନାହିଁ ।

(4) ଉପଧାରା (3) ଅନୁଯାୟୀ ସୂଚନାଗୁଡ଼ିକ, ଅବସରପ୍ରାପ୍ତ ଭଗୀଦାରଙ୍କ ଦ୍ୱାରା କିମ୍ବା ପୁନର୍ଗଠିତ ଫାର୍ମର କୌଣସି ଭଗୀଦାରଙ୍କ ଦ୍ୱାରା ଦିଆଯାଇପାରିବ ।

ଭଗୀଦାରଙ୍କ ବିତାଡନ ।

33. (1) କୌଣସି ଭଗୀଦାରଙ୍କୁ, ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଦ୍ୱାରା ପ୍ରଦତ୍ତ କ୍ଷମତାର ସଦ୍‌ବିଶ୍ୱାସ ପୂର୍ବକ ପ୍ରୟୋଗ ବ୍ୟତିରେକେ, ଭଗୀଦାରମାନଙ୍କର କୌଣସି ବହୁସଂଖ୍ୟା ଦ୍ୱାରା ଫାର୍ମରୁ ବିତାଡ଼ିତ କରାଯାଇ ପାରିବ ନାହିଁ ।

(2) ଧାରା 32ର ଉପଧାରା (2), (3) ଓ (4)ର ଉପବନ୍ଧଗୁଡ଼ିକ କୌଣସି ବିତାଡ଼ିତ ଭଗୀଦାରଙ୍କ ପ୍ରତି ଏପରି ପ୍ରଯୁଜ୍ୟ ହେବ, ସତେ ଯେପରିକି ସେ ଜଣେ ଅବସରପ୍ରାପ୍ତ ଭଗୀଦାର ।

ଭଗୀଦାରଙ୍କ ପରିଶୋଧ ଅକ୍ଷମତା ।

34. (1) ଯେଉଁସ୍ଥଳେ ଫାର୍ମର କୌଣସି ଭଗୀଦାରଙ୍କୁ ପରିଶୋଧ ଅକ୍ଷମ ବୋଲି ନ୍ୟାୟନିର୍ଣ୍ଣିତ କରାଯାଏ ସେହିସ୍ଥଳେ ତଦ୍ୱାରା ଫାର୍ମ ବିଘଟିତ ହେଉ ବା ନ ହେଉ, ଯେଉଁ ତାରିଖରେ ନ୍ୟାୟ ନିର୍ଣ୍ଣୟ ଆଦେଶ ଦିଆଗଲା ସେହି ତାରିଖଠାରୁ ସେ ଜଣେ ଭଗୀଦାର ରୂପେ ରହିବେ ନାହିଁ ।

(2) ଯେଉଁସ୍ଥଳେ ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା କୌଣସି ଚୁକ୍ତି ଅନୁଯାୟୀ କୌଣସି ଭଗୀଦାରଙ୍କୁ ଜଣେ ପରିଶୋଧ ଅକ୍ଷମରୂପେ ନ୍ୟାୟନିର୍ଣ୍ଣିତ କରିବା ଦ୍ୱାରା ଫାର୍ମଟି ବିଘଟିତ ହୁଏନାହିଁ ସେହିସ୍ଥଳେ, ଯେଉଁ ତାରିଖରେ ନ୍ୟାୟନିର୍ଣ୍ଣିତ କରିବାଦ୍ୱାରା ନ୍ୟାୟନିର୍ଣ୍ଣୟ ଆଦେଶ ଦିଆଗଲା ସେହି ତାରିଖ ପରେ କରାଯାଇଥିବା, ଫାର୍ମର କୌଣସି କାର୍ଯ୍ୟ ନିମିତ୍ତ ସେଭଳି ନ୍ୟାୟନିର୍ଣ୍ଣିତ ହୋଇଥିବା ଭଗୀଦାରଙ୍କ ସଂପଦା ଦାୟୀ ହେବନାହିଁ ଏବଂ ସେହି ପରିଶୋଧଅକ୍ଷମଙ୍କର କୌଣସି କାର୍ଯ୍ୟ ନିମିତ୍ତ ସେହି ଫାର୍ମ ଦାୟୀ ହେବନାହିଁ ।

ମୃତ ଭଗୀଦାରଙ୍କ ସଂପଦାର ଦାୟିତ୍ୱ ।

35. ଯେଉଁସ୍ଥଳେ ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା କୌଣସି ଚୁକ୍ତି ଅନୁଯାୟୀ କୌଣସି ଭଗୀଦାରଙ୍କ ମୃତ୍ୟୁ ଯୋଗୁ ଫାର୍ମ ବିଘଟିତ ହୁଏ ନାହିଁ, ସେହିସ୍ଥଳେ ମୃତ ଭଗୀଦାରଙ୍କ ସଂପଦା, ତାଙ୍କର ମୃତ୍ୟୁପରେ କରାଯାଇଥିବା ଫାର୍ମର କୌଣସି କାର୍ଯ୍ୟ ନିମିତ୍ତ ଦାୟୀ ହେବନାହିଁ ।

ପ୍ରତିଯୋଗୀ ବ୍ୟବସାୟ ଚଳାଇବାକୁ ବିଦାୟୀ ଭଗୀଦାରଙ୍କ ଅଧିକାର ।

36. (1) କୌଣସି ବିଦାୟୀ ଭାଗୀଦାର ଫାର୍ମ ସହ ପ୍ରତିଯୋଗୀ ବ୍ୟବସାୟ ଚଳାଇ ପାରିବେ ଏବଂ ସେ ସେପରି ବ୍ୟବସାୟର ବିଜ୍ଞାପନ ଦେଇପାରିବେ, କିନ୍ତୁ ତାହାର ପ୍ରତିକୂଳ ଚୁକ୍ତି ପ୍ରତି ସାପେକ୍ଷ ରହି, ସେ—

(କ) ଫାର୍ମ ନାମକୁ ବ୍ୟବହାର କରିପାରିବେ ନାହିଁ,

(ଖ) ନିଜକୁ, ସେହି ଫାର୍ମର କାରବାର ଚଳାଉଛନ୍ତି ବୋଲି ବ୍ୟପଦିଷ୍ଟ କରିପାରିବେ ନାହିଁ, କିମ୍ବା

(ଗ) ସେ ଭାଗୀଦାର ହେବାରୁ ରହିତ ହେବା ପୂର୍ବରୁ ଯେଉଁ ବ୍ୟକ୍ତିମାନେ ଫାର୍ମ ସହିତ ବ୍ୟବହାର କରୁଥିଲେ ସେମାନଙ୍କ ସହ ବ୍ୟବହାର କରିବାକୁ ଅନୁରୋଧ କରିବେ ନାହିଁ ।

(2) ବ୍ୟାପାର ଅବରୋଧୀ ରାଜିନାମା, କୌଣସି ଭାଗୀଦାର, ଭାଗୀଦାରରୁ ବର୍ଜିତ ହେବା ପରେ ସେ କୌଣସି ବିନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ବା ବିନିର୍ଦ୍ଦିଷ୍ଟ ସ୍ଥାନୀୟ ସୀମା ମଧ୍ୟରେ ଫାର୍ମର ବ୍ୟବସାୟ ସଦୃଶ କୌଣସି ବ୍ୟବସାୟ ଚଳାଇବେ ନାହିଁ ବୋଲି ତାଙ୍କର ଭାଗୀଦାରମାନଙ୍କ ସହ ଏକ ରାଜିନାମା କରିପାରିବେ, ଏବଂ ଭାରତୀୟ ଚୁକ୍ତି ଅଧିନିୟମ, 1872 (1872ର 9)ର ଧାରା 27ରେ ଯାହାକିଛି ଥିବା ସତ୍ତ୍ୱେ, ଯଦି ଆରୋପିତ ନିର୍ବନ୍ଧନମାନ ଯୁକ୍ତିଯୁକ୍ତ ହୁଏ ତାହାହେଲେ, ସେପରି ରାଜିନାମା ବିଧିମାନ୍ୟ ହେବ ।

କେତେକ କ୍ଷେତ୍ରରେ ପରବର୍ତ୍ତୀ ଲାଭର ଅଂଶ ପାଇବାକୁ ବିଦାୟୀ ଭଗୀଦାରଙ୍କ ଅଧିକାର ।

37. ଯେଉଁସ୍ଥଳେ ଫାର୍ମର କୌଣସି ସଦସ୍ୟ ମରିଯାଇଥାନ୍ତି ବା ଅନ୍ୟଥା ଭାଗୀଦାର ହେବାରୁ ରହିତ ହୋଇଥାନ୍ତି, ଏବଂ ଉତ୍ତରଜୀବୀ ବା ରହିଥିବା ଭଗୀଦାରମାନେ ସେମାନଙ୍କର ଏବଂ ବିଦାୟୀ ଭଗୀଦାର ବା ତାଙ୍କର ସଂପଦା ମଧ୍ୟରେ ହିସାବର କୌଣସି ଅନ୍ତିମ ପରିନିର୍ଦ୍ଧାରଣ ନ କରି ଫାର୍ମ ସଂପତ୍ତିରେ ଫାର୍ମର ବ୍ୟବସାୟ ଚଳାଉଥାନ୍ତି, ସେହିସ୍ଥଳେ, ବିଦାୟୀ ଭଗୀଦାର ବା ତାଙ୍କର ସଂପଦା, ତତପ୍ରତିକୂଳ ଚୁକ୍ତିର ଅଭାବରେ ଉକ୍ତ ଭଗୀଦାରଙ୍କ ନିଜର ବା ତାଙ୍କର ପ୍ରତିନିଧିଙ୍କ ବିକଳ୍ପକ୍ରମେ, ସେ ଜଣେ ଭଗୀଦାରରୁ ବର୍ଜିତ ହେବାଠାରୁ ଫାର୍ମର ସଂପତ୍ତିରେ ତାହାଙ୍କ ଅଂଶଟି ବିନିଯୋଗ ହେବାଫଳରେ ଯେଉଁ ଲାଭ ମିଳିଥିବ ତାହା ପାଇବାକୁ କିମ୍ବା ଫାର୍ମର ସଂପତ୍ତିରେ ତାଙ୍କ ଅଂଶ ଉପରେ ଶତକଡା ବାର୍ଷିକ ଛଅ ହାରରେ ସୁଧ ପାଇବାକୁ ହକ୍‌ଦାର ହେବେ:

ପରନ୍ତୁ ଯେଉଁ ସ୍ଥଳେ ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଦ୍ୱାରା କୌଣସି ମୃତ ବା ବିଦାୟୀ ଭଗୀଦାରଙ୍କ ସ୍ୱାର୍ଥ କ୍ରୟ କରିବା ନିମିତ୍ତ, ଉତ୍ତରଜୀବୀ ବା ରହିଥିବା ଭଗୀଦାରମାନଙ୍କୁ ବିକଳ୍ପ ଦିଆଯାଏ, ଏବଂ ସେହି ବିକଳ୍ପ ଠିକ୍‌ଭାବେ ପ୍ରୟୋଗ କରାଯାଇଥାଏ ସେହିସ୍ଥଳେ, ଯଥାସ୍ଥିତି, ମୃତ ଭଗୀଦାରଙ୍କ ସଂପଦା କିମ୍ବା ବିଦାୟୀ ଭଗୀଦାର ବା ତାଙ୍କର ସଂପଦା ଲାଭର କୌଣସି ଅତିରିକ୍ତ ବା ଅନ୍ୟ ଅଂଶ ପାଇବାକୁ ହକ୍‌ଦାର ହେବନାହିଁ, କିନ୍ତୁ, ଯଦି କୌଣସି ଭଗୀଦାର ସେହି ବିକଳ୍ପ ପ୍ରୟୋଗ କରି କାର୍ଯ୍ୟ କରିବାକୁ ଯାଇ ସମସ୍ତ ତାତ୍ତ୍ୱିକ ଦିଗରୁ ତାହାର ନିର୍ବନ୍ଧନକୁ ଅନୁପାଳନ ନ କରନ୍ତି, ତାହାହେଲେ ସେ ଏହି ଧାରାର ପୂର୍ବଗାମୀ ଉପବନ୍ଧଗୁଡ଼ିକ ଅନୁଯାୟୀ ହିସାବ ଦେବାକୁ ଦାୟୀ ହେବେ ।

ଫାର୍ମରେ ପରିବର୍ତ୍ତନ ଦ୍ୱାରା ପ୍ରତ୍ୟାଭୂତିର ପ୍ରତିସଂହରଣ ।

38. କୌଣସି ଫାର୍ମକୁ, କିମ୍ବା କୌଣସି ଫାର୍ମର କାରବାର ସଂକ୍ରାନ୍ତରେ କୌଣସି ତୃତୀୟ ପକ୍ଷଙ୍କୁ ଦିଆଯିବା କୌଣସି ପ୍ରଚଳ ପ୍ରତ୍ୟାଭୂତି, ତତ୍‌ପ୍ରତିକୂଳ ରାଜିନାମା ନ ଥିଲେ, ଫାର୍ମର ଗଠନରେ କୌଣସି ପରିବର୍ତ୍ତନ ହେବା ତାରିଖ ଠାରୁ ଫାର୍ମର ଭବିଷ୍ୟତ କାରବାର ସଂପର୍କରେ ପ୍ରତିସଂହୃତ ହେଲା ।

## ଅଧ୍ୟାୟ VI

### ଫାର୍ମର ବିଘଟନ

ଫାର୍ମର ବିଘଟନ ।

39. କୌଣସି ଫାର୍ମର ସମସ୍ତ ଭଗୀଦାରମାନଙ୍କ ମଧ୍ୟରେ ଥିବା ଭଗୀଦାରୀର ବିଘଟନକୁ "ଫାର୍ମର ବିଘଟନ" ନାମରେ ଅଭିହିତ ହେବ ।

ରାଜିନାମା ଦ୍ୱାରା ବିଘଟନ ।

40. କୌଣସି ଫାର୍ମକୁ, ସମସ୍ତ ଭଗୀଦାରମାନଙ୍କ ସମ୍ମତିକ୍ରମେ କିମ୍ବା ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା କୌଣସି ଚୁକ୍ତି ଅନୁସାରେ ବିଘଟିତ କରାଯାଇପାରିବ ।

ବାଧ୍ୟତାମୂଳକ ବିଘଟନ ।

41. ଯେ କୌଣସି ଫାର୍ମ ନିମ୍ନଲିଖିତ ଅବସ୍ଥାରେ ବିଘଟିତ ହୋଇଯିବ:—

(କ) ଯଦି ସମସ୍ତ ଭଗୀଦାର କିମ୍ବା ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭଗୀଦାର ପରିଶୋଧ ଅକ୍ଷମ ରୂପେ ନ୍ୟାୟନିର୍ଣ୍ଣିତ ହୁଅନ୍ତି, ଅଥବା

(ଖ) ଯେଉଁ ଘଟଣା ଫଳରେ ଫାର୍ମର ବ୍ୟବସାୟ ଚଳାଇବା କିମ୍ବା ଭଗୀଦାରମାନଙ୍କୁ ଭଗୀଦାରୀର ଉକ୍ତ ବ୍ୟବସାୟ ଚଳାଇବା ଅବୈଧ ହୁଏ ସେହିପରି ଘଟଣା ଯଦି ଘଟେ :

ପରନ୍ତୁ ଯେଉଁ ସ୍ଥଳେ ଫାର୍ମ ଦ୍ୱାରା ଏକାଧିକ ପୃଥକ ପ୍ରୋଦ୍ୟମ ବା ଉଦ୍ୟୋଗ ଚଳାଯାଏ ସେହିସ୍ଥଳେ, କେବଳ ଏକ ବା ଏକାଧିକ ଅବୈଧତା ରହିଯାଇଛି ବୋଲି ଫାର୍ମର ବିଧିପୂର୍ଣ୍ଣ ପ୍ରୋଦ୍ୟମ ଓ ଉଦ୍ୟୋଗ ସଂକ୍ରାନ୍ତରେ ଫାର୍ମର ବିଘଟନ ହୋଇଯିବ ନାହିଁ ।

କେତକ ଅନିୟତ ଘଟଣା ଘଟିବା ଉପରେ ବିଘଟନ ।

42. ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି, ଯେକୌଣସି ଫାର୍ମ ନିମ୍ନଲିଖିତ ଅବସ୍ଥାରେ ବିଘଟିତ ହୋଇଯିବ:—

(କ) ତାହା କୌଣସି ଧାର୍ଯ୍ୟ ଅବଧି ନିମିତ୍ତ ଗଠିତ ହୋଇଥିଲେ, ସେହି ଅବଧି ଯେତେବେଳେ ଶେଷ ହୁଏ ;

(ଖ) ତାହା ଏକ ବା ଏକାଧିକ ପ୍ରୋଦ୍ୟମ ବା ଉଦ୍ୟୋଗ ଚଳାଇବା ନିମିତ୍ତ ଗଠିତ ଥିଲେ, ସେଗୁଡ଼ିକ ଯେତେବେଳେ ସଂପୂର୍ଣ୍ଣ ହୋଇଯାଏ ;

(ଗ) ଯେତେବେଳେ କୌଣସି ଭଗୀଦାରଙ୍କ ମୃତ୍ୟୁ ଘଟେ ; ଏବଂ

(ଘ) କୌଣସି ଭଗୀଦାରଙ୍କୁ ପରିଶୋଧ-ଅକ୍ଷମ ବୋଲି ଯଦି ନ୍ୟାୟ ନିର୍ଣ୍ଣୟ କରାଯାଏ ।

ଇଚ୍ଛାଧୀନ ଭଗୀଦାରୀର ନୋଟିସ୍ ଦ୍ୱାରା ବିଘଟନ ।

43. (1) ଯେଉଁ ସ୍ଥଳେ ଭଗୀଦାରୀ ଇଚ୍ଛାଧୀନ ହୋଇଥାଏ, ସେହିସ୍ଥଳେ କୌଣସି ଭଗୀଦାର ଅନ୍ୟ ସମସ୍ତ ଭଗୀଦାରମାନଙ୍କୁ ଫାର୍ମ ବିଘଟିତ କରିବାକୁ ତାଙ୍କ ଆଶୟର ଲିଖିତ ନୋଟିସ୍ ଦେଇ, ତାଙ୍କ ଦ୍ୱାରା ସେହି ଫାର୍ମ ବିଘଟିତ କରାଯାଇ ପାରିବ ।

(2) ଫାର୍ମ ସେହି ତାରିଖଠାରୁ, ଯାହା କି ସେହି ସୂଚନାରେ ବିଘଟନ ତାରିଖ ରୂପେ ଉଲ୍ଲିଖିତ ଥାଏ କିମ୍ବା, ଯଦି କୌଣସି ତାରିଖ ସେଭଳି ଉଲ୍ଲିଖିତ ହୋଇ ନ ଥାଏ ତାହାହେଲେ, ଯେଉଁ ତାରିଖରେ ସୂଚନାଟି ସଂସୂଚିତ କରାଯାଏ ସେହି ତାରିଖଠାରୁ ବିଘଟିତ ହେବ ।

ନ୍ୟାୟାଳୟ ଦ୍ୱାରା ବିଘଟନ ।

44. କୌଣସି ଭଗୀଦାରଙ୍କ ମକଦ୍ଦମା ଉପରେ, ନ୍ୟାୟାଳୟ, ନିମ୍ନଲିଖିତ ଯେ କୌଣସି ଆଧାର ଉପରେ କୌଣସି ଫାର୍ମକୁ ବିଘଟିତ କରି ପାରିବେ––

(କ) କୌଣସି ଭଗୀଦାର ବିକୃତ ମସ୍ତିଷ୍କ ହୋଇଥିବେ, ଯେଉଁ କ୍ଷେତ୍ରରେ କି ଅନ୍ୟ କୌଣସି ଭଗୀଦାରଙ୍କ ଦ୍ୱାରା ଅଣାଯିବା ପରି ବିକୃତ ମସ୍ତିଷ୍କ ହୋଇଯାଇଥିବା ଭଗୀଦାରଙ୍କ ବାଦମିତ୍ରଙ୍କ ଦ୍ୱାରା ମଧ୍ୟ ମକଦ୍ଦମା କରାଯାଇ ପାରିବ ;

(ଖ) ନାଲିସ୍ କରୁଥିବା ଭଗୀଦାରଙ୍କ ଭିନ୍ନ ଅନ୍ୟ କୌଣସି ଭଗୀଦାର ସେ ଭଗୀଦାର ଭବରେ ତାଙ୍କର କର୍ତ୍ତବ୍ୟ ସଂପାଦନ କରିବାରେ କୌଣସି ପ୍ରକାର ସ୍ଥାୟୀ ରୂପେ ଅସମର୍ଥ ହୋଇଥିବେ ;

(ଗ) ନାଲିସ୍ କରୁଥିବା ଭଗୀଦାରଙ୍କ ଭିନ୍ନ ଅନ୍ୟ କୌଣସି ଭଗୀଦାର ଏପରି ଆଚରଣର ଦୋଷୀ ହୋଇଥିବେ ଯାହାଦ୍ୱାରା, ବ୍ୟବସାୟର ପ୍ରକୃତି ପ୍ରତି ଧ୍ୟାନ ରଖି ସେହି ବ୍ୟବସାୟ ଚଳାଇବା ଉପରେ, ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥିବ ;

(ଘ) ନାଲିସ କରୁଥିବା ଭଗୀଦାରଙ୍କ ଭିନ୍ନ ଅନ୍ୟ କୌଣସି ଭଗୀଦାର ଜାଣିଶୁଣି ବା ବାରମ୍ବାର ଫାର୍ମର କାର୍ଯ୍ୟକଳାପର ପରିଚାଳନା କିମ୍ବା ତାହାର ବ୍ୟବସାୟ ସଞ୍ଚାଳନ ସମ୍ବନ୍ଧିତ ରଜିନାମାସବୁର ଭଙ୍ଗ କରନ୍ତି, କିମ୍ବା ଅନ୍ୟଥା ସେହି ବ୍ୟବସାୟ ସମ୍ବନ୍ଧିତ ବିଷୟଗୁଡ଼ିକରେ ନିଜେ ଏଭଳି ଆଚରଣ କରନ୍ତି ଯଦ୍ୱାରା ତାଙ୍କ ସହିତ ଭଗୀଦାରୀରେ ବ୍ୟବସାୟ କରିବାକୁ ଅନ୍ୟାନ୍ୟ ଭଗୀଦାରମାନଙ୍କ ପକ୍ଷରେ ଯୁକ୍ତିଯୁକ୍ତ ଭାବେ ସାଧ୍ୟ ହୁଏ ନାହିଁ ;

(ଙ) ନାଲିସ କରୁଥିବା ଭଗୀଦାରଙ୍କ ଭିନ୍ନ ଅନ୍ୟ କୌଣସି ଭଗୀଦାର ଫାର୍ମରେ ଥିବା ନିଜର ସଂପୂର୍ଣ୍ଣ ସ୍ୱାର୍ଥ କୌଣସି ତୃତୀୟ ପକ୍ଷଙ୍କୁ କୌଣସି ପ୍ରକାରେ ଅନ୍ତରିତ କରିଦେଇଥିବେ, କିମ୍ବା ସିଭିଲ ପ୍ରକ୍ରିୟା ସଂହିତା ୧୯୦୮ (୧୯୦୮ର ୫)ର ପ୍ରଥମ ଅନୁସୂଚୀସ୍ଥ ଅର୍ଡର ୨୧ର ନିୟମ ୪୯ର ଉପବନ୍ଧଗୁଡ଼ିକ ଅନୁଯାୟୀ ତାଙ୍କର ଅଂଶକୁ ଭରିତ ହେବାକୁ ଦେଇଥିବେ କିମ୍ବା ସେହି ଭଗୀଦାରଙ୍କ ଦ୍ୱାରା ଶୋଧ୍ୟ ବକେୟା ଭୂ-ରାଜସ୍ୱର ବା ବକେୟା ଭୂ-ରାଜସ୍ୱ ରୂପେ ଅସୁଲଯୋଗ୍ୟ କୌଣସି ଶୋଧ୍ୟର ଅସୁଲରେ ବିକ୍ରୟ କରିବାକୁ ଦେଇଥିବେ;

(ଚ) ଫାର୍ମର ବ୍ୟବସାୟ ହାନି ବ୍ୟତୀତ ଚାଲିପାରିବ ନାହିଁ; କିମ୍ବା

(ଛ) ଫାର୍ମଟି ବିଘଟିତ ହେବା ଉଚିତ ବୋଲି ତାହାକୁ ନ୍ୟାୟସଙ୍ଗତ ଓ ସମ୍ୟପୂର୍ଣ୍ଣ ହେଉଥିବା ଅନ୍ୟ ଯେକୌଣସି ଆଧାର ଉପରେ ।

ବିଘଟନ ପରେ କରାଯାଇଥିବା ଭଗୀଦାରମାନଙ୍କର କାର୍ଯ୍ୟ ନିମିତ୍ତ ଦାୟିତ୍ୱ ।

45. (1) କୌଣସି ଫାର୍ମର ବିଘଟନ ସତ୍ତ୍ୱେ, ବିଘଟନର ସର୍ବସାଧାରଣ ସୂଚନା ଦିଆଯାଇ ନଥିବା ପର୍ଯ୍ୟନ୍ତ, ଭଗୀଦାରମାନେ ସେମାନଙ୍କ ମଧ୍ୟରୁ କାହାରି ଦ୍ୱାରା କରାଯିବା କୌଣସି କାର୍ଯ୍ୟ ଯାହାକି ବିଘଟନ ପୂର୍ବରୁ କରାଯାଇଥିଲେ ତାହା ଫାର୍ମର କାର୍ଯ୍ୟ ହୋଇଥାନ୍ତା, ତାହା ନିମନ୍ତେ ତୃତୀୟ ପକ୍ଷମାନଙ୍କ ପ୍ରତି ସେ ରୂପେ ଭଗୀଦାର ଭବରେ ଦାୟୀ ରହିବେ :

ପରନ୍ତୁ ଯେଉଁ ଭଗୀଦାର ମରିଯାଆନ୍ତି, ବା ଯାହାଙ୍କୁ ପରିଶୋଧ ଅକ୍ଷମ ନ୍ୟାୟନିର୍ଣ୍ଣୀତ କରାଯାଏ, କିମ୍ବା ଯେଉଁ ଭଗୀଦାର ସେ ଭଗୀଦାର ହୋଇଥିବା ଫାର୍ମ ସହିତ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ନ ଜାଣି ଫାର୍ମରୁ ଅବସର ଗ୍ରହଣ କରନ୍ତି, ତାଙ୍କର ସଂପଦା ସେ ଭଗୀଦାର ହେବାକୁ ରହିତ ହେବା ତାରିଖ ପରେ କରାଯିବା କାର୍ଯ୍ୟଗୁଡ଼ିକ ନିମିତ୍ତ ଏହି ଧାରା ଅନୁଯାୟୀ ଦାୟୀ ହେବନାହିଁ ।

(2) ଉପଧାରା (1) ଅନୁଯାୟୀ ସୂଚନାଗୁଡ଼ିକ ଯେକୌଣସି ଭଗୀଦାରଙ୍କ ଦ୍ୱାରା ଦିଆଯାଇ ପାରିବ ।

ବିଘଟନପରେ ବ୍ୟବସାୟ ପରିସମାପନ କରିବାକୁ ଭଗୀଦାରମାନଙ୍କର ଅଧିକାର ।

46. କୌଣସି ଫାର୍ମର ବିଘଟନ ପରେ ପ୍ରତ୍ୟେକ ଭଗୀଦାର ବା ତାହାଙ୍କର ପ୍ରତିନିଧି, ଅନ୍ୟ ସମସ୍ତ ଭଗୀଦାର ବା ସେମାନଙ୍କ ପ୍ରତିନିଧିମାନଙ୍କ ବିରୁଦ୍ଧରେ, ଫାର୍ମର ସମ୍ପତ୍ତିକୁ ଫାର୍ମର ଋଣ ବା ଦାୟିତ୍ୱ ସଂଦାୟ କରିବାରେ ଉପଯୋଜିତ କରିବାକୁ ଏବଂ ଉଦବୃତ୍ତକୁ ଭଗୀଦାରମାନଙ୍କ ବା ସେମାନଙ୍କ ପ୍ରତିନିଧିମାନଙ୍କ ମଧ୍ୟରେ ସେମାନଙ୍କ ଅଧିକାର ଅନୁସାରେ ବିତରିତ କରିବାକୁ ହକଦାର ହେବେ ।

**ପରିସମାପନର ପ୍ରୟୋଜନ ନିମିତ୍ତ ଭଗୀଦାର-ମାନଙ୍କର ସତତ ପ୍ରାଧିକାର ।**

47. କୌଣସି ଫାର୍ମର ବିଘଟନପରେ, ଫାର୍ମକୁ ଆବଦ୍ଧ କରିବାକୁ ପ୍ରତ୍ୟେକ ଭଗୀଦାରଙ୍କ ପ୍ରାଧୀକାର ଏବଂ ଭଗୀଦାରମାନଙ୍କର ଅନ୍ୟାନ୍ୟ ପାରସ୍ପରିକ ଅଧିକାର ଓ ବାଧ୍ୟତା ସବୁ, ଫାର୍ମ ବିଘଟିତ ହୋଇଯିବା ସତ୍ତ୍ୱେ ସେହି ପର୍ଯ୍ୟନ୍ତ ରହିବ ଯେଉଁ ପର୍ଯ୍ୟନ୍ତ ସେହି ଫାର୍ମର କାର୍ଯ୍ୟକଳାପର ପରିସମାପନ ନିମିତ୍ତ ଏବଂ ଆରମ୍ଭ ହୋଇଥିବା, କିନ୍ତୁ ବିଘଟନ ସମୟରେ ବାକି ରହିଥିବା କାରବାରକୁ ପୂରଣ କରିବା ନିମିତ୍ତ, ଆବଶ୍ୟକ ଅଟେ, କିନ୍ତୁ ଅନ୍ୟଥା ନୁହେଁ :

ପରନ୍ତୁ ପରିଶୋଧ ଅକ୍ଷମ ରୂପେ ନ୍ୟାୟନିର୍ଣ୍ଣିତ ହୋଇଥିବା କୌଣସି ଭଗୀଦାରଙ୍କ କାର୍ଯ୍ୟଦ୍ୱାରା କୌଣସି ଅବସ୍ଥାରେ ମଧ୍ୟ ଫାର୍ମ ଆବଦ୍ଧ ହେବନାହିଁ; କିନ୍ତୁ ଏହି ପରନ୍ତୁକ ଯେଉଁ ବ୍ୟକ୍ତି ନ୍ୟାୟନିର୍ଣ୍ଣୟନ ପରେ ନିଜକୁ ସେହି ପରିଶୋଧ ଅକ୍ଷମଙ୍କର ଜଣେ ଭଗୀଦାର ହେବାକୁ ବ୍ୟପଦିଷ୍ଟ କରିଥିବେ କିମ୍ବା ଜାଣିଶୁଣି ବ୍ୟପଦିଷ୍ଟ କରାଇ-ଥିବେ ତାଙ୍କର ଦାୟିତ୍ୱ ଉପରେ କୌଣସି ପ୍ରଭବ ପକାଇବ ନାହିଁ ।

**ଭଗୀଦାର-ମାନଙ୍କ ମଧ୍ୟରେ ହିସାବ ପରିନିର୍ଦ୍ଧାରଣର ଢ଼ଙ୍ଗ ।**

48. ବିଘଟନ ପରେ କୌଣସି ଫାର୍ମର ହିସାବ ପରିନିର୍ଦ୍ଧାରଣରେ, ଭଗୀଦାରମାନଙ୍କ ଦ୍ୱାରା କରାଯାଇଥିବା ରାଜିନାମା ପ୍ରତି ସାପେକ୍ଷ ରହି ନିମ୍ନଲିଖିତ ନିୟମାବଳୀ ପାଳନ କରାଯିବ:—

(କ) ପୁଞ୍ଜିର ସ୍ୱଳ୍ପତା ସମେତ ହାନିସବୁ ପ୍ରଥମତଃ ଲଭ ମଧ୍ୟରୁ, ତତ୍‌ପଶ୍ଚାତ ପୁଞ୍ଜି ମଧ୍ୟରୁ, ଏବଂ ଶେଷରେ, ଯଦି ଆବଶ୍ୟକ ହୁଏ ତାହାହେଲେ ଭଗୀଦାରମାନଙ୍କ ଦ୍ୱାରା ବ୍ୟକ୍ତିଗତ ଭବରେ ଯେଉଁ ଅନୁପାତରେ ସେମାନେ ଲଭର ଅଂଶ ପ୍ରତି ହକ୍‌ଦାର ଥିଲେ, ସେହି ଅନୁପାତରେ ସଂଦତ୍ତ କରାଯିବ ;

(ଖ) ପୁଞ୍ଜିର ସ୍ୱଳ୍ପତା ପୂରଣ କରିବାକୁ ଭଗୀଦାରମାନଙ୍କ ଦ୍ୱାରା ଅଂଶଦାନ କରାଯାଉଥିବା କୌଣସି ଧନ ପରିମାଣ ସମେତ ଫାର୍ମର ଆସ୍ତିଗୁଡ଼ିକୁ ନିମ୍ନଲିଖିତ ରୀତିରେ ଓ କ୍ରମରେ ଉପଯୋଜିତ କରାଯିବ :—

(i) ତୃତୀୟ ପକ୍ଷଙ୍କୁ ଫାର୍ମର ଋଣ ସଂଦାୟ କରିବାରେ;

(ii) ପ୍ରତ୍ୟେକ ଭଗୀଦାରଙ୍କୁ, ପୁଞ୍ଜିଠାରୁ ସୁଭିନ୍ନ ଅଗ୍ରିମପାଇଁ ଫାର୍ମ ଦ୍ୱାରା, ଯାହା ତାହାଙ୍କୁ ଶୋଧ୍ୟ ତାହାର ଆନୁପାତିକ ସନ୍ଦାୟ କରିବାରେ;

(iii) ପ୍ରତ୍ୟେକ ଭଗୀଦାରଙ୍କୁ ପୁଞ୍ଜି ସକାଶେ ଯାହା ତାହାଙ୍କୁ ଶୋଧ୍ୟ ତାହାର, ଆନୁପାତିକ ସନ୍ଦାୟ କରିବାରେ; ଏବଂ

(iv) ଅବଶିଷ୍ଟ, ଯଦି କିଛି ରହେ, ତେବେ ଭଗୀଦାରମାନଙ୍କ ମଧ୍ୟରେ ସେହି ଅନୁପାତରେ ବାଣ୍ଟି ଦିଆଯିବ ଯେଉଁ ଅନୁପାତରେ ସେମାନେ ଲଭାଂଶ ପ୍ରତି ହକ୍‌ଦାର ଥିଲେ ।

**ଫାର୍ମ ଋଣର ଓ ପୃଥକ ଋଣର ସଂଦାୟ ।**

49. ଯେଉଁଠାରେ ଫାର୍ମ ଦ୍ୱାରା ଶୋଧ୍ୟ ସଂଯୁକ୍ତ ଋଣ ଥାଏ ଏବଂ କୌଣସି ଭଗୀଦାରଙ୍କ ଦ୍ୱାରା ଶୋଧ୍ୟ ପୃଥକ ଋଣ ମଧ୍ୟ ଥାଏ, ସେହି ସ୍ଥଳେ ଫାର୍ମର ସମ୍ପତ୍ତି, ପ୍ରଥମତଃ ଫାର୍ମର ଋଣ ସନ୍ଦାୟ କରିବାରେ ଉପଯୋଜିତ ହେବ, ଏବଂ ଯଦି କିଛି ଉଦ୍‌ବୃତ୍ତ ରହେ ତେବେ ପ୍ରତ୍ୟେକ ଭଗୀଦାରଙ୍କ ଅଂଶ ତାଙ୍କର ପୃଥକ ଋଣ ସନ୍ଦାୟ କରିବାରେ ଉପଯୋଜିତ ହେବ କିମ୍ବା ତାହାଙ୍କୁ ସଂଦତ୍ତ କରାଯିବ । କୌଣସି ଭଗୀଦାରଙ୍କ ପୃଥକ ସମ୍ପତ୍ତି ପ୍ରଥମତଃ ତାଙ୍କର ପୃଥକ ଋଣ ସନ୍ଦାୟ କରିବାରେ, ଏବଂ ଉଦ୍‌ବୃତ୍ତ (ଯଦିକିଛି ରହେ) ଫାର୍ମର ଋଣ ସନ୍ଦାୟ କରିବାରେ ଉପଯୋଜିତ କରାଯିବ ।

**ବିଘଟନ ପରେ ଉପାର୍ଜିତ ବ୍ୟକ୍ତିଗତ ଲଭ ।**

50. ଭଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି, ଧାରା 16 ର ଖଣ୍ଡ (କ)ର ଉପବନ୍ଧ-ଗୁଡ଼ିକ, କୌଣସି ଭଗୀଦାରଙ୍କ ମୃତ୍ୟୁ ହେତୁ ବିଘଟିତ ହୋଇଯିବା ପରେ ଏବଂ ତାହାର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ପରିସମାପନ ହୋଇଯିବା ପୂର୍ବରୁ, କୌଣସି ଉତ୍ତରଜୀବୀ ଭଗୀଦାରଙ୍କ ଦ୍ୱାରା କିମ୍ବା କୌଣସି ମୃତ ଭଗୀଦାରଙ୍କ ପ୍ରତିନିଧିଙ୍କ ଦ୍ୱାରା ଉପକ୍ରମ କରାଯାଇଥିବା କାରବାର ପ୍ରତି ପ୍ରଯୁଜ୍ୟ ହେବ :

ପରନ୍ତୁ ଯେଉଁଠାରେ କୌଣସି ଭଗୀଦାର ବା ତାଙ୍କର ପ୍ରତିନିଧି ଫାର୍ମର ସୁନାମ କ୍ରୟ କରିଥିବେ, ସେହିସ୍ଥଳେ, ଏହି ଧାରାର କୌଣସି କଥା ଫାର୍ମ ନାମ ଉପଯୋଗ କରିବାକୁ ତାଙ୍କର ଅଧିକାର ଉପରେ ପ୍ରଭବ ପକାଇବ ନାହିଁ ।

**ସମୟପୂର୍ବ ବିଘଟନରେ ପ୍ରିମିୟମର ଫେରସ୍ତ ।**

51. ଯେଉଁଠାରେ କୌଣସି ଭଗୀଦାର, କୌଣସି ନିର୍ଦ୍ଦିଷ୍ଟ ଅବଧି ନିମିତ୍ତ ଭଗୀଦାରୀରେ ପ୍ରବେଶ କରିବା ସମୟରେ କୌଣସି ପ୍ରିମିୟମ ସଂଦତ୍ତ କରିଥିବେ, ଏବଂ କୌଣସି ଭଗୀଦାରଙ୍କର ମୃତ୍ୟୁ ବ୍ୟତୀତ ଅନ୍ୟ କୌଣସି କାରଣରେ ସେହି ଅବଧିର ଅବସାନ ପୂର୍ବରୁ ଫାର୍ମଟି ବିଘଟିତ ହୋଇଯାଏ, ସେହିସ୍ଥଳେ—

(କ) ସେହି ବିଘଟନ ମୁଖ୍ୟତଃ ତାଙ୍କ ନିଜର ଅସଦାଚରଣ ଯୋଗୁ ହୋଇନଥିଲେ, କିମ୍ବା

(ଖ) ସେହି ବିଘଟନ, ପ୍ରିମିୟମ ବା ତାହାର କୌଣସି ଅଂଶର ଫେରସ୍ତ ନିମିତ୍ତ କୌଣସି ଉପବନ୍ଧ ନଥାଇ କୌଣସି ରାଜିନାମାର ଅନୁସରଣରେ ହୋଇନଥିଲେ,

ଯେଉଁ ଅବଧିଉପରେ ସେ ଭଗୀଦାର ହେଲେ ତାହାପ୍ରତି ଏବଂ ଯେଉଁ ସମୟ ମଧ୍ୟରେ ସେ ଭଗୀଦାର ଥିଲେ ତାହାର ଦୈର୍ଘ୍ୟ ପ୍ରତି ଧ୍ୟାନ ରଖି ସେ ସେହି ପ୍ରିମିୟମ ବା ଯୁକ୍ତିଯୁକ୍ତ ହେବା ମତେ, ତାହାର ସେପରି ଅଂଶ ପ୍ରତି ସଂଦାୟ ପାଇବାକୁ ହକ୍‌ଦାର ହେବେ ।

ଭଗୀଦାରୀ ଚୁକ୍ତିକୁ ପ୍ରବଞ୍ଚନା ବା ଦୁର୍ବ୍ୟପ-ଦେଶନ କାରଣରୁ ବିଖଣ୍ଡିତକରି ଦିଆଯିବା ସ୍ଥଳେ ଅଧିକାର ।

52. ଯେଉଁସ୍ଥଳେ ଭଗୀଦାରୀ ସୃଷ୍ଟି କରୁଥିବା କୌଣସି ଚୁକ୍ତି, ତାହାର କୌଣସି ପକ୍ଷ ପ୍ରବଞ୍ଚନା ବା ଦୁର୍ବ୍ୟପଦେଶନର ଆଧାର ଉପରେ ବିଖଣ୍ଡିତ ହୁଏ, ସେହି ସ୍ଥଳେ ବିଖଣ୍ଡିତ କରିବାକୁ ହକ୍‌ଦାର ଥିବା ପକ୍ଷ, ଅନ୍ୟ କୌଣସି ଅଧିକାର ପ୍ରତି ପ୍ରତିକୂଳ ପ୍ରଭାବ ନପକାଇ—

(କ) ଫାର୍ମରେ କୌଣସି ଅଂଶ କ୍ରୟ କରିବା ପାଇଁ ତାଙ୍କ ଦ୍ୱାରା ସଂଦତ୍ତ କରାଯାଇ ଥିବା କୌଣସି ଧନରାଶି ନିମିତ୍ତ ଏବଂ ତାଙ୍କ ଦ୍ୱାର ଅଂଶ ଦାନ କରାଯାଇଥିବା କୌଣସି ପୁଞ୍ଜି ନିମିତ୍ତ, ଫାର୍ମର ଋଣ ସଂଦାୟ ପରେ ଅବଶିଷ୍ଟ ରହୁଥିବା ଫାର୍ମର ଅବଶେଷ ବା ଆସ୍ତିସବୁ ଉପରେ ଧାରଣାଧିକାର, କିମ୍ବା ତାହାକୁ ପ୍ରତିଧାରଣ କରିବା ଅଧିକାର ପ୍ରତି,

(ଖ) ଫାର୍ମର ଋଣ ବାବଦକୁ ତାଙ୍କ ଦ୍ୱାରା କରାଯିବା କୌଣସି ସଂଦାୟ ସଂକ୍ରାନ୍ତରେ ଫାର୍ମର ଋଣଦାତା ପାହ୍ୟାରେ ରହିବା ପ୍ରତି, ଏବଂ

(ଗ) ଫାର୍ମର ସମସ୍ତ ଋଣ ବିରୁଦ୍ଧରେ ପ୍ରବଞ୍ଚନା ବା ଦୁର୍ବ୍ୟପଦେଶନର ଦୋଷ, ଭାଗୀଦାର ବା ଭଗୀଦାରମାନଙ୍କ ଦ୍ୱାରା କ୍ଷତିପୂର୍ତ୍ତି ହେବା ପ୍ରତି ହକ୍‌ଦାର ଅଟନ୍ତି ।

ଫାର୍ମ ନାମ ବା ଫାର୍ମର ସମ୍ପତ୍ତି ଉପଯୋଗ କରିବାରୁ ଅବରୋଧ କରିବା ନିମିତ୍ତ ଅଧିକାର ।

53. କୌଣସି ଫାର୍ମ ବିଘଟିତ ହେବା ପରେ, ପ୍ରତ୍ୟେକ ଭାଗୀଦାର ବା ତାଙ୍କର ପ୍ରତିନିଧି ଭାଗୀଦାରମାନଙ୍କ ମଧ୍ୟରେ କୌଣସି ପ୍ରତିକୂଳ ଚୁକ୍ତିର ଅଭାବରେ ଫାର୍ମର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବରେ ପରିସମାପନ ନହୋଇଥିବା ପର୍ଯ୍ୟନ୍ତ, ଅନ୍ୟ କୌଣସି ଭାଗୀଦାରଙ୍କୁ ବା ତାଙ୍କର କୌଣସି ପ୍ରତିନିଧିଙ୍କୁ ଫାର୍ମ ନାମରେ ସମରୂପ ବ୍ୟବସାୟ ଚଳାଇବାକୁ କିମ୍ବା ତାଙ୍କର ନିଜ ହିତ ନିମିତ୍ତ ଫାର୍ମର କୌଣସି ଉପଯୋଗ କରିବାକୁ ଅବରୋଧ କରିପାରିବେ :

ପରନ୍ତୁ ଯେଉଁସ୍ଥଳେ କୌଣସି ଭାଗୀଦାର ବା ତାଙ୍କର ପ୍ରତିନିଧି ଫାର୍ମର ସୁନାମ କ୍ରୟ କରିଥିବେ, ସେହିସ୍ଥଳେ ଏହି ଧାରାର କୌଣସି କଥା ଫାର୍ମ ନାମ ଉପଯୋଗ କରିବାକୁ ତାଙ୍କର ଅଧିକାର ଉପରେ ପ୍ରଭାବ ପକାଇବ ନାହିଁ ।

ବ୍ୟାପାର ଅବରୋଧୀ ରାଜିନାମା ।

54. ଭାଗୀଦାରମାନେ, ଫାର୍ମର ବିଘଟନ ପରେ ବା ବିଘଟନର ପୂର୍ବାନୁମାନ ପରେ ସେମାନଙ୍କ ମଧ୍ୟରୁ କେତେକ ବା ସମସ୍ତେ କୌଣସି ବିନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ବା ବିନିର୍ଦ୍ଦିଷ୍ଟ ସ୍ଥାନୀୟ ସୀମା ମଧ୍ୟରେ ଫାର୍ମର ବ୍ୟବସାୟ ସଦୃଶ କୌଣସି ବ୍ୟବସାୟ ଚଳାଇବେ ନାହିଁ ବୋଲି ଏକ ରାଜିନାମା କରି ପାରିବେ, ଏବଂ ଭାରତୀୟ ଚୁକ୍ତି ଅଧିନିୟମ, 1872 (1872ର 9) ର ଧାରା 27 ରେ ଯାହାକିଛି ଥିବା ସତ୍ତ୍ୱେ, ଯଦି ଆରୋପିତ ନିର୍ବନ୍ଧନମାନ ଯୁକ୍ତିଯୁକ୍ତ ହୁଏ, ତାହାହେଲେ ସେପରି ରାଜିନାମା ବିଧିମାନ୍ୟ ହେବ ।

ବିଘଟନ ପରେ ସୁନାମ ବିକ୍ରୟ ।

55 (1) ବିଘଟନ ପରେ କୌଣସି ଫାର୍ମର ହିସାବ ପରିନିର୍ଦ୍ଧାରଣ କରିବାରେ, ସୁନାମକୁ ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପ୍ରତି ସାପେକ୍ଷ ରହି, ଆସ୍ତିରେ ଅନ୍ତର୍ଭୁକ୍ତ କରାଯିବ ଏବଂ ତାହା ଏକେତ ପୃଥକ ଭାବେ ବା ଫାର୍ମର ଅନ୍ୟ ସମ୍ପତ୍ତି ସଙ୍ଗେ ବିକ୍ରୟ କରାଯାଇ ପାରିବ ।

ସୁନାମର କ୍ରେତା ଓ ବିକ୍ରେତାଙ୍କ ଅଧିକାର ।

(2) ଯେଉଁସ୍ଥଳେ ଫାର୍ମର ସୁନାମ, ବିଘଟନ ପରେ ବିକ୍ରୟ କରାଯାଏ, ସେହିସ୍ଥଳେ କୌଣସି ଭାଗୀଦାର କ୍ରେତାଙ୍କ ବ୍ୟବସାୟର କୌଣସି ପ୍ରତିଯୋଗୀ ବ୍ୟବସାୟ ଚଳାଇ ପାରିବେ ଏବଂ ସେ ସେପରି ବ୍ୟବସାୟକୁ ବିଜ୍ଞାପିତ କରିପାରିବେ କିନ୍ତୁ ତାହାଙ୍କ ଓ କ୍ରେତାଙ୍କ ମଧ୍ୟରେ ହୋଇଥିବା ରାଜିନାମା ପ୍ରତିସାପେକ୍ଷ ରହି, ସେ—

(କ) ଫାର୍ମ ନାମ ଉପଯୋଗ କରିପାରିବେ ନାହିଁ;

(ଖ) ଫାର୍ମର ବ୍ୟବସାୟ ଚଳାଉଥିବା ପରି ନିଜକୁ ବ୍ୟପଦିଷ୍ଟ କରିପାରିବେ ନାହିଁ; କିମ୍ବା

(ଗ) ଯେଉଁ ବ୍ୟକ୍ତିମାନେ ଫାର୍ମର ବିଘଟନ ପୂର୍ବରୁ ତାହା ସହିତ ବ୍ୟବହାର କରୁଥିଲେ ସେମାନଙ୍କ ସହିତ ବ୍ୟବହାର କରିବାକୁ ଯାଚଞ୍ଚା କରିପାରିବେ ନାହିଁ ।

ବ୍ୟାପାର ଅବରୋଧୀ ରାଜିନାମା।

(3) କୌଣସି ଭଗୀଦାର ଫାର୍ମର ସୁନାମ ବିକ୍ରୟ ହେବା ପରେ ସେପରି ଭଗୀଦାର କୌଣସି ବିନ୍ନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ବା ବିନ୍ନିର୍ଦ୍ଦିଷ୍ଟ ସ୍ଥାନୀୟ ସୀମା ମଧ୍ୟରେ ଫାର୍ମର ବ୍ୟବସାୟ ସଦୃଶ କୌଣସି ବ୍ୟବସାୟ ଚଳାଇବେ ନାହିଁ ବୋଲି ସେହି କ୍ରେତାଙ୍କ ସହ ଏକ ରାଜିନାମା କରିପାରିବେ, ଏବଂ, ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ର ଧାରା 27 ରେ ଯାହା କିଛି ଥିବା ସତ୍ତ୍ୱେ, ଯଦି ଆରୋପିତ ନିର୍ବନ୍ଧନମାନ ଯୁକ୍ତିଯୁକ୍ତ ହୁଏ, ତାହାହେଲେ ସେପରି ରାଜିନାମା ବିଧିମାନ୍ୟ ହେବ।

## ଅଧ୍ୟାୟ VII

### ଫାର୍ମର ରେଜିଷ୍ଟ୍ରୀକରଣ

ଏହି ଅଧ୍ୟାୟର ପ୍ରୟୋଗ ହେବାରୁ ଛାଡ଼ ଦେବାକୁ କ୍ଷମତା।

56. କୌଣସି ରାଜ୍ୟର ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ଏହି ଅଧ୍ୟାୟର ଉପବନ୍ଧଗୁଡ଼ିକ ଅଧିସୂଚନାରେ ବିନ୍ନିର୍ଦ୍ଦିଷ୍ଟ ହୋଇଥିବା ସେହି ରାଜ୍ୟ ପ୍ରତି ବା ତାହାର କୌଣସି ଭାଗ ପ୍ରତି ପ୍ରଯୋଜ୍ୟ ହେବ ନାହିଁ ବୋଲି ନିର୍ଦ୍ଦେଶ ଦେଇପାରିବେ।

ରେଜିଷ୍ଟ୍ରାରମାନଙ୍କ ନିଯୁକ୍ତି।

57. (1) ରାଜ୍ୟ ସରକାର ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ଫାର୍ମଗୁଡ଼ିକର ରେଜିଷ୍ଟ୍ରାରଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ଯେଉଁ କ୍ଷେତ୍ର ମଧ୍ୟରେ ସେମାନଙ୍କର କ୍ଷମତା ପ୍ରୟୋଗ କରିବେ ଓ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବେ, ତାହା ସଂଜ୍ଞାକୃତ କରିପାରିବେ।

(2) ପ୍ରତ୍ୟେକ ରେଜିଷ୍ଟ୍ରାର ଭାରତୀୟ ଦଣ୍ଡ ସଂହିତା (1860 ର 45) ର ଧାରା 21 ର ଅର୍ଥ ମଧ୍ୟରେ ଜଣେ ଲୋକ ସେବକରୂପେ ବିବେଚିତ ହେବେ।

ରେଜିଷ୍ଟ୍ରୀକରଣ ନିମନ୍ତେ ଦରଖାସ୍ତ।

58. (1) କୌଣସି ଫାର୍ମର ରେଜିଷ୍ଟ୍ରୀକରଣ ଯେଉଁ କ୍ଷେତ୍ରରେ ଫାର୍ମଟିର କୌଣସି ବ୍ୟବସାୟ ସ୍ଥାନ ଅବସ୍ଥିତ ବା ଅବସ୍ଥିତ ହେବାକୁ ପ୍ରସ୍ତାବିତ, ସେହି କ୍ଷେତ୍ରର ରେଜିଷ୍ଟ୍ରାରଙ୍କୁ ନିମ୍ନଲିଖିତ କଥାମାନ ବିବୃତକରି ବିହିତ ଫାରମରେ ଏକ ବିବୃତି ଏବଂ ବିହିତ ଫିସ ସହିତ ଡାକ ଦ୍ୱାରା ପଠାଇ ବା ପରିଦତ୍ତ କରି ଯେ କୌଣସି ସମୟରେ କରାଯାଇ ପାରିବ—

(କ) ଫାର୍ମ ନାମ,

(ଖ) ଫାର୍ମର ବ୍ୟବସାୟର ସ୍ଥାନ ବା ମୁଖ୍ୟ ସ୍ଥାନ,

(ଗ) ଅନ୍ୟ କୌଣସି ସ୍ଥାନର ନାମ, ଯେଉଁଠାରେ ଫାର୍ମ ବ୍ୟବସାୟ ଚଳାଏ,

(ଘ) ପ୍ରତ୍ୟେକ ଭଗୀଦାର ଯେତେବେଳେ ଫାର୍ମରେ ଯୋଗଦାନ କଲେ ସେହି ତାରିଖ,

(ଙ) ଭଗୀଦାରମାନଙ୍କର ପୁରାନାମ ଏବଂ ସ୍ଥାୟୀ ଠିକଣା, ଏବଂ

(ଚ) ଫାର୍ମର ଅବଧି।

ସେହି ବିବୃତି, ସମସ୍ତ ଭଗୀଦାର ମାନଙ୍କ ଦ୍ୱାରା, କିମ୍ବା ଏଥି ନିମିତ୍ତ ବିଶେଷରୂପେ ପ୍ରାଧିକୃତ ସେମାନଙ୍କର ଏଜେଣ୍ଟମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ।

(2) ପ୍ରତ୍ୟେକ ବ୍ୟକ୍ତି ବିବୃତିକୁ ସ୍ୱାକ୍ଷର କରି ବିହିତ ରୀତିରେ ତାହାକୁ ସତ୍ୟାପିତ ମଧ୍ୟ କରିବେ।

(3) ଫାର୍ମ ନାମରେ ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରେ କୌଣସି ଶବ୍ଦ ଅର୍ଥାତ୍—"କ୍ରାଉନ", "ଏଂପରର", "ଏଂପ୍ରେସ", "ଏଂପାୟର", "ଏଂପିରିୟର", "କିଂଗ", "କ୍ୱୀନ", "ରୟାଲ", କିମ୍ବା ସରକାରଙ୍କ ମଞ୍ଜୁରୀ ଅନୁମୋଦନ ବା ପ୍ରତିଶ୍ରୟ ଅଭିବ୍ୟକ୍ତ ବା ବିବକ୍ଷିତ ହେଉଥିବା ଶବ୍ଦଗୁଡ଼ିକ, ଯେତେବେଳେ ରାଜ୍ୟ ସରକାର ଲିଖିତ ଆଦେଶ ଦ୍ୱାରା ଫାର୍ମ ନାମର ଭାଗ ସ୍ୱରୂପ ସେପରି ଶବ୍ଦଗୁଡ଼ିକ, ଉପଯୋଗ କରିବାକୁ ତାଙ୍କର ସମ୍ମତି ଦେବେ ତାହା ବ୍ୟତୀତ ଉପଯୋଗ କରାଯିବ ନାହିଁ।

ରେଜିଷ୍ଟ୍ରୀକରଣ

59. ଯେତେବେଳେ ରେଜିଷ୍ଟ୍ରାର ସନ୍ତୁଷ୍ଟ ହେବେ ଯେ ଧାରା 58 ର ଉପବନ୍ଧଗୁଡ଼ିକ ସମ୍ୟକରୂପେ ଅନୁପାଳନ କରାଯାଇ ଅଛି, ସେତେବେଳେ ସେ ଫାର୍ମର ରେଜିଷ୍ଟର ନାମକ ରେଜିଷ୍ଟରରେ ସେହି ବିବୃତିର ଏକ ଦରଜ ଅଭିଲିଖିତ କରିବେ ଏବଂ ସେହି ବିବୃତିକୁ ଫାଇଲ କରିବେ।

ଫାର୍ମ ନାମରେ ଏବଂ ବ୍ୟବସାୟ ମୁଖ୍ୟ ସ୍ଥାନରେ ହେବା ପରିବର୍ତ୍ତନ ଅଭିଲେଖନ ।

60. (1) ଯେତେବେଳେ କୌଣସି ରେଜିଷ୍ଟ୍ରୀକୃତ ଫାର୍ମର ଫାର୍ମ ନାମରେ ବା ବ୍ୟବସାୟର ମୁଖ୍ୟ ସ୍ଥାନର ଅବସ୍ଥିତିରେ କୌଣସି ପରିବର୍ତ୍ତନ କରାଯାଏ, ସେତେବେଳେ ବିହିତ ଫିସ, ସହିତ, ସେହି ପରିବର୍ତ୍ତନ ବିନିର୍ଦ୍ଦିଷ୍ଟ କରି, ଧାରା 58 ଅନୁଯାୟୀ ଆବଶ୍ୟକ ହେଉଥିବା ରୀତିରେ ସ୍ୱାକ୍ଷରିତ ଓ ସତ୍ୟାପିତ ହୋଇଥିବା ଏକ ବିବୃତି ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯାଇ ପାରିବ ।

(2) ଯେତେବେଳେ ରେଜିଷ୍ଟ୍ରାର ସନ୍ତୁଷ୍ଟ ହେବେ ଯେ ଉପଧାରା (1) ର ଉପବନ୍ଧଗୁଡ଼ିକ ସମ୍ୟକ୍ ରୂପେ ଅନୁପାଳିତ ହୋଇଅଛି, ସେତେବେଳେ ସେ ଫାର୍ମ ରେଜିଷ୍ଟରର ସେହି ଫାର୍ମ ସମ୍ବନ୍ଧିତ ଦରଜକୁ ସେହି ବିବୃତି ଅନୁସାରେ ସଂଶୋଧନ କରିବେ, ଏବଂ ଧାରା 59 ଅନୁଯାୟୀ ଫାଇଲ କରାଯାଇଥିବା ଫାର୍ମ ସମ୍ବନ୍ଧୀ ବିବୃତି ସହ ତାହାକୁ ଫାଇଲ କରିବେ ।

ଶାଖାଗୁଡ଼ିକ ବନ୍ଦ କରାଯିବା ଓ ଖୋଲାଯିବାର ଟିପ୍ପଣୀ ।

61. ଯେତେବେଳେ କୌଣସି ରେଜିଷ୍ଟ୍ରୀକୃତ ଫାର୍ମ ତାହାର ବ୍ୟବସାୟର ପ୍ରମୁଖ ସ୍ଥାନ ହୋଇନଥିବା ସେପରି କୌଣସି ସ୍ଥାନରେ ତାହାର ବ୍ୟବସାୟ ବନ୍ଦ ବା ଚଳାଇବା ଆରମ୍ଭ କରେ. ସେତେବେଳେ ଫାର୍ମର କୌଣସି ଭାଗୀଦାର ବା ଏଜେଣ୍ଟ ତାହାର ପ୍ରଜ୍ଞାପନ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଇବେ, ଯେକି ଫାର୍ମ ରେଜିଷ୍ଟରରେ ସେହି ଫାର୍ମ ସମ୍ବନ୍ଧୀ ଦରଜରେ ସେପରି ପ୍ରଜ୍ଞାପନର ଟିପ୍ପଣୀ କରିବେ ଏବଂ ଧାରା 59 ଅନୁଯାୟୀ ଫାଇଲ କରାଯାଇଥିବା ଫାର୍ମ ସମ୍ବନ୍ଧୀ ବିବୃତି ସହ ସେହି ପ୍ରଜ୍ଞାପନକୁ ଫାଇଲ କରିବେ ।

ଭାଗୀଦାର-ମାନଙ୍କ ନାମ ଓ ଠିକଣାରେ ହେବା ପରିବର୍ତ୍ତନର ଟିପ୍ପଣୀ ।

62. ଯେତେବେଳେ ରେଜିଷ୍ଟ୍ରୀକୃତ ଫାର୍ମର କୌଣସି ଭାଗୀଦାର ତାଙ୍କର ନାମ ଓ ସ୍ଥାୟୀ ଠିକଣାରେ କୌଣସି ପରିବର୍ତ୍ତନ କରନ୍ତି, ସେତେବେଳେ ସେହି ପରିବର୍ତ୍ତନର ପ୍ରଜ୍ଞାପନ ଫାର୍ମର କୌଣସି ଭାଗୀଦାର ବା ଏଜେଣ୍ଟଙ୍କ ଦ୍ୱାରା ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯାଇ ପାରିବ ଯେକି ଧାରା 61 ରେ ଉପବନ୍ଧିତ ହୋଇଥିବା ରୀତିରେ କର୍ମ କରିବେ ।

ଫାର୍ମରେ ପରିବର୍ତ୍ତନ ଓ ତାହାର ବିଘଟନର ଅଭିଲେଖନ ।

63. (1) ଯେତେବେଳେ କୌଣସି ରେଜିଷ୍ଟ୍ରୀକୃତ ଫାର୍ମର ଗଠନରେ କୌଣସି ପରିବର୍ତ୍ତନ ଘଟେ, ସେତେବେଳେ କୌଣସି ନବାଗତ, ଚଳିତ କିମ୍ବା ବିଦାୟୀ ଭାଗୀଦାର, ଏବଂ ଯେତେବେଳେ କୌଣସି ରେଜିଷ୍ଟ୍ରୀକୃତ ଫାର୍ମ ବିଘଟିତ ହୁଏ, ସେତେବେଳେ ଯେଉଁ ବ୍ୟକ୍ତି ବିଘଟନର ଅବ୍ୟବହିତ ପୂର୍ବରୁ ଜଣେ ଭାଗୀଦାର ଥିଲେ ସେ, କିମ୍ବା ଏଥି ନିମିତ୍ତ ବିଶେଷ ରୂପେ ପ୍ରାଧିକୃତ ସେପରି କୌଣସି ଭାଗୀଦାର ବା ବ୍ୟକ୍ତିଙ୍କ ଏଜେଣ୍ଟ, ରେଜିଷ୍ଟ୍ରାରକୁ ସେପରି ପରିବର୍ତ୍ତନ ବା ବିଘଟନର ତାରିଖ ବିନିର୍ଦ୍ଦିଷ୍ଟ କରି ତାହାର ସୂଚନା ଦେଇପାରିବେ ଏବଂ ରେଜିଷ୍ଟ୍ରାର, ଫାର୍ମର ରେଜିଷ୍ଟରରେ ସେହି ଫାର୍ମ ସମ୍ବନ୍ଧୀ ଦରଜରେ ସେହି ସୂଚନା ଅଭିଲେଖ କରିବେ ଏବଂ ଧାରା 59 ଅନୁଯାୟୀ ଫାଇଲ କରାଯାଇଥିବା ଫାର୍ମ ସମ୍ବନ୍ଧୀ ବିବୃତି ସହିତ ସେହି ସୂଚନାକୁ ଫାଇଲ କରିବେ ।

ଅପ୍ରାପ୍ତ ବୟସ୍କଙ୍କ ପ୍ରତ୍ୟାହରଣର ଅଭିଲେଖନ ।

(2) ଯେତେବେଳେ କୌଣସି ଫାର୍ମରେ ଭାଗୀଦାରୀର ହିତ ପାଇବାକୁ ଗୃହିତ ହୋଇଥିବା କୌଣସି ଅପ୍ରାପ୍ତ-ବୟସ୍କ, ପ୍ରାପ୍ତ ବୟସ ହେବେ ଏବଂ ସେ ଜଣେ ଭାଗୀଦାର ହେବାକୁ ବା ନହେବାକୁ ନିର୍ବାଚନ କରିବେ ଏବଂ ସେହି ଫାର୍ମ ସେତେବେଳକୁ ଏକ ରେଜିଷ୍ଟ୍ରୀକୃତ ଫାର୍ମ ହୋଇଥିବ, ସେତେବେଳେ ସେ, କିମ୍ବା ଏଥି ନିମିତ୍ତ ବିଶେଷ ରୂପେ ପ୍ରାଧିକୃତ ହୋଇଥିବା ତାଙ୍କର ଏଜେଣ୍ଟ ସେ ଜଣେ ଭାଗୀଦାର ହୋଇଛନ୍ତି ବା ହୋଇ ନାହାନ୍ତି ବୋଲି ରେଜିଷ୍ଟ୍ରାରଙ୍କୁ ସୂଚନା ଦେଇ ପାରିବେ, ଏବଂ ରେଜିଷ୍ଟ୍ରାର, ଉପଧାରା (1) ରେ ଉପବନ୍ଧିତ ହୋଇଥିବା ରୀତିରେ ସେହି ସୂଚନାକ୍ରମେ କର୍ମ କରିବେ ।

ଭୁଲର ପରିଶୋଧନ ।

64. (1) ଯେକୌଣସି ଫାର୍ମ ସମ୍ବନ୍ଧୀ ଫାର୍ମଗୁଡ଼ିକର ରେଜିଷ୍ଟରରେ କରାଯାଇ ଥିବା ଦରଜ ଏହି ଅଧ୍ୟାୟ ଅନୁଯାୟୀ ଫାଇଲ କରାଯାଇଥିବା ସେହି ଫାର୍ମ ସମ୍ବନ୍ଧୀ ଦସ୍ତାବିଜ ସହ ଅନୁରୂପ କରିବା ନିମିତ୍ତ କୌଣସି ଭୁଲ ପରିଶୋଧନ କରିବାକୁ ସବୁ ସମୟରେ ରେଜିଷ୍ଟ୍ରାରଙ୍କର କ୍ଷମତା ରହିବ ।

(2) ଏହି ଅଧ୍ୟାୟ ଅନୁଯାୟୀ ଫାଇଲ କରାଯାଇଥିବା ଫାର୍ମ ସମ୍ବନ୍ଧୀ କୌଣସି ଦସ୍ତାବିଜ ଯେଉଁ ପକ୍ଷକାର-ମାନେ ସ୍ୱାକ୍ଷର କରିଥିବେ ସେହି ସମସ୍ତ ପକ୍ଷକାରଙ୍କ ଦ୍ୱାରା କରାଯିବା ଦରଖାସ୍ତ ଉପରେ ରେଜିଷ୍ଟ୍ରାର ସେପରି ଦସ୍ତାବିଜରେ କିମ୍ବା ଫାର୍ମର ରେଜିଷ୍ଟରରେ କରାଯାଇଥିବା ଅଭିଲେଖ ବା ଟିପ୍ପଣୀରେ ଥିବା କୌଣସି ଭୁଲ ପରିଶୋଧନ କରିପାରିବେ ।

ନ୍ୟାୟାଳୟର ଆଦେଶ ଦ୍ୱାରା ରେଜିଷ୍ଟରର ସଂଶୋଧନ ।

65. କୌଣସି ରେଜିଷ୍ଟ୍ରୀକୃତ ଫାର୍ମ ସମ୍ବନ୍ଧିତ କୌଣସି ବିଷୟ ନିଷ୍ପତ୍ତି କରୁଥିବା ନ୍ୟାୟାଳୟ, ତାହାର ନିଷ୍ପତ୍ତିର ପରିଣାମ ସ୍ୱରୂପ ରେଜିଷ୍ଟ୍ରାର ସେପରି ଫାର୍ମ ସମ୍ବନ୍ଧିତ ଫାର୍ମର ରେଜିଷ୍ଟରରେ କରାଯାଇଥିବା ଦରଜରେ କୌଣସି ସଂଶୋଧନ କରିବେ ବୋଲି ନିର୍ଦ୍ଦେଶ ଦେଇପାରିବେ ଏବଂ ରେଜିଷ୍ଟ୍ରାର ତଦନୁସାରେ ସେହି ଦରଜକୁ ସଂଶୋଧନ କରିବେ ।

ରେଜିଷ୍ଟର ଏକ ଫାଇଲ କରଯାଇଥିବା ଦସ୍ତାବିଜର ନିରୀକ୍ଷଣ ।

66. (1) ଫାର୍ମର ରେଜିଷ୍ଟର, ବିହିତ ହେବା ମତେ ସେପରି ଫିସ ସଂଦାୟ କରି କୌଣସି ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ ନିମିତ୍ତ ଖୋଲା ରହିବ ।

(2) ଏହି ଅଧ୍ୟାୟ ଅନୁଯାୟୀ ଫାଇଲ କରଯାଇଥିବା ସମସ୍ତ ବିବୃତି, ସୂଚନା ଏବଂ ପ୍ରଜ୍ଞାପନ, ଯେପରି ବିହିତ କରଯାଇପାରେ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ରହି ଏବଂ ସେପରି ଫିସ୍ ସଂଦାୟ କରିବା ପରେ ନିରୀକ୍ଷଣ ନିମିତ୍ତ ଖୋଲି ରହିବ ।

ନକଲ ଦିଆଯିବା ।

67. ରେଜିଷ୍ଟ୍ରାର, କୌଣସି ବ୍ୟକ୍ତିଙ୍କୁ, ତାଙ୍କର ଦରଖାସ୍ତ ଉପରେ, ବିହିତ ହେବା ମତେ ସେପରି ଫିସର ସଂଦାୟ ପରେ ଫାର୍ମର ରେଜିଷ୍ଟରରେ କୌଣସି ଦରଜ ବା ତାହାର କୌଣସି ଭାଗ ତାଙ୍କର ହସ୍ତାକ୍ଷରରେ ପ୍ରମାଣୀକୃତ ଏକ ନକଲ ଦେବେ ।

ସାକ୍ଷ୍ୟ ସମ୍ପର୍କିତ ନିୟମାବଳୀ ।

68. (1) ଫାର୍ମର ରେଜିଷ୍ଟରରେ ଅଭିଲିଖିତ ବା ଟିପ୍ପଣୀତ କୌଣସି ବିବୃତି, ପ୍ରଜ୍ଞାପନ ବା ସୂଚନା, ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ବା ଯାହାଙ୍କ ତରଫରୁ ସେପରି ବିବୃତି, ପ୍ରଜ୍ଞାପନ ବା ସୂଚନା ସ୍ୱାକ୍ଷରିତ ହୋଇଥିଲା ତାହାଙ୍କ ବିରୁଦ୍ଧରେ ତହିଁରେ ବିବୃତ କୌଣସି ତଥ୍ୟର ନିଶ୍ଚୟାତ୍ମକ ପ୍ରମାଣ ହେବ ।

(2) ଫାର୍ମର ରେଜିଷ୍ଟରରେ କୌଣସି ଫାର୍ମ ସମ୍ବନ୍ଧିତ କୌଣସି ଦରଜର ଏକ ପ୍ରମାଣୀକୃତ ନକଲ, ସେପରି ଫାର୍ମର ରେଜିଷ୍ଟ୍ରୀକରଣ ତଥ୍ୟର, ଏବଂ ତହିଁରେ ଅଭିଲିଖିତ ବା ଟିପ୍ପଣୀତ କୌଣସି ବିବୃତି, ପ୍ରଜ୍ଞାପନ ବା ସୂଚନାର ବିଷୟବସ୍ତୁ ପ୍ରମାଣ ସ୍ୱରୂପ ପେଶ କରଯାଇ ପାରିବ ।

ରେଜିଷ୍ଟ୍ରୀ ନ କରିବାର ପରିଣାମ ।

69. (1) କୌଣସି ଚୁକ୍ତିରୁ ଉଦ୍‌ଭୂତ ବା ଏହି ଅଧିନିୟମ ଦ୍ୱାରା ଅର୍ପିତ କୌଣସି ଅଧିକାର ପ୍ରବର୍ତ୍ତନ କରଇବା ନିମିତ୍ତ କୌଣସି ମକଦ୍ଦମା, କୌଣସି ଫାର୍ମ ବିରୁଦ୍ଧରେ କିମ୍ବା ସେହି ଫାର୍ମରେ ଭଗୀଦାର ହେବେ ବା ହୋଇଛନ୍ତି ବୋଲି ଅଭିକଥିତ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଫାର୍ମର ଭଗୀଦାର ରୂପେ ନାଲିସ କରୁଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ବା ତାଙ୍କ ତରଫରୁ, ସେହି ଫାର୍ମ ରେଜିଷ୍ଟ୍ରୀକୃତ ହୋଇ ନ ଥିଲେ କିମ୍ବା ନାଲିସ କରୁଥିବା ବ୍ୟକ୍ତି ଫାର୍ମର ଭଗୀଦାର ରୂପେ ଫାର୍ମର ରେଜିଷ୍ଟରରେ ଦର୍ଶିତ ହୋଇ ନଥିଲେ କିମ୍ବା ତାହାଙ୍କୁ ବର୍ଣ୍ଣିତ କରଯାଇ ନଥିଲେ, କୌଣସି ନ୍ୟାୟାଳୟରେ ସଂସ୍ଥିତ କରଯିବ ନାହିଁ ।

(2) କୌଣସି ଚୁକ୍ତିରୁ ଉଦ୍‌ଭୂତ କୌଣସି ଅଧିକାର ପ୍ରବର୍ତ୍ତନ କରିବା ନିମିତ୍ତ କୌଣସି ମକଦ୍ଦମା, କୌଣସି ତୃତୀୟ ପକ୍ଷଙ୍କ ବିରୁଦ୍ଧରେ କୌଣସି ଫାର୍ମ ଦ୍ୱାରା ବା ତାହା ତରଫରୁ, ସେହି ଫାର୍ମ ରେଜିଷ୍ଟ୍ରୀକୃତ ହୋଇ ନଥିଲେ ଏବଂ ନାଲିସ କରୁଥିବା ବ୍ୟକ୍ତି ଫାର୍ମର ଭଗୀଦାର ରୂପେ ଫାର୍ମର ରେଜିଷ୍ଟରରେ ଦର୍ଶିତ ହୋଇ ନଥିଲେ କିମ୍ବା ତାହାଙ୍କୁ ଦର୍ଶିତ କରଯାଇ ନଥିଲେ, କୌଣସି ନ୍ୟାୟାଳୟରେ ସଂସ୍ଥିତ କରଯିବ ନାହିଁ ।

(3) ଉପଧାରା (1) ଓ (2) ର ଉପବନ୍ଧଗୁଡ଼ିକ, କୌଣସି ଚୁକ୍ତିରୁ ଉଦ୍‌ଭୂତ କୌଣସି ଅଧିକାର ପ୍ରବର୍ତ୍ତନ କରିବା ନିମିତ୍ତ କୌଣସି ମଜୁରା ଦାବି ପ୍ରତି କିମ୍ବା ଅନ୍ୟ କାର୍ଯ୍ୟବିଧି ପ୍ରତି ପ୍ରଯୋଜ୍ୟ ହେବ ନାହିଁ, କିନ୍ତୁ—

(କ) କୌଣସି ଫାର୍ମର ବିଘଟନ ନିମିତ୍ତ ବା କୌଣସି ବିଘଟିତ ଫାର୍ମର ହିସାବ ନିମିତ୍ତ ନାଲିସ କରିବାକୁ କୌଣସି ଅଧିକାରର, କିମ୍ବା କୌଣସି ବିଘଟିତ ଫାର୍ମର ସଂପତ୍ତି ଆଦାୟ କରିବାକୁ କୌଣସି ଅଧିକାର ବା କ୍ଷମତାର ପ୍ରବର୍ତ୍ତନକୁ ; ଅଥବା

(ଖ) କୌଣସି ପରିଶୋଧ ଅକ୍ଷମ ଭଗୀଦାରଙ୍କ ସମ୍ପତ୍ତି ଆଦାୟ କରିବାକୁ କୌଣସି ସରକାରୀ ସମନୁଦେଶିତା, ରିସିଭର ବା ପ୍ରେସିଡ଼େନ୍ସି—ନଗର ପରିଶୋଧ ଅକ୍ଷମତା ଅଧିନିୟମ, 1920 (1920 ର 5) ଅନୁଯାୟୀ ନ୍ୟାୟାଳୟର କ୍ଷମତାକୁ, ପ୍ରଭାବିତ କରିବନାହିଁ ।

(4) ଏହିଧାରା—

(କ) ଯେଉଁ ରାଜ୍ୟ କ୍ଷେତ୍ର ଗୁଡ଼ିକ ପ୍ରତି ଏହି ଅଧିନିୟମ ବିସ୍ତୃତ ତହିଁରେ ଯେଉଁ ଫାର୍ମ ଗୁଡ଼ିକର କୌଣସି ବ୍ୟବସାୟ ସ୍ଥାନ ନଥାଏ କିମ୍ବା ଯାହାର ବ୍ୟବସାୟ ସ୍ଥାନ ଉକ୍ତ ରାଜ୍ୟ କ୍ଷେତ୍ରଗୁଡ଼ିକର ଏପରି ଅଞ୍ଚଳରେ ଅବସ୍ଥିତି ଯାହା ପ୍ରତି, ଧାରା 56 ଅନୁଯାୟୀ କରଯାଇଥିବା ଅଧିସୂଚନା କାରଣରୁ ଏହି ଅଧ୍ୟାୟ ପ୍ରଯୋଜ୍ୟ ହୁଏ ନାହିଁ, ସେହି ଫାର୍ମଗୁଡ଼ିକ ପ୍ରତି କିମ୍ବା ସେହି ଫାର୍ମଗୁଡ଼ିକର ଭଗୀଦାରମାନଙ୍କ ପ୍ରତି ; ଅଥବା

(ଖ) ଅନଧିକ ଏକଶତ ଟଙ୍କା ମୂଲ୍ୟର କୌଣସି ମକଦ୍ଦମା ବା ମଜୁରା ଦାବି, ଯାହା ପ୍ରେସିଡ଼େନସି ନଗରରେ, ପ୍ରେସିଡ଼େନ୍ସି ଲଘୁବାଦ ନ୍ୟାୟାଳୟ ଅଧିନିୟମ, 1882 ( 1882 ର 15 ) ର ଧାରା 19 ରେ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ପ୍ରକାରର ନୁହେଁ, କିମ୍ବା ପ୍ରେସିଡ଼େନ୍ସି ନଗର ବାହାରେ ପ୍ରାଦେଶିକ ଲଘୁବାଦ ନ୍ୟାୟାଳୟ ଅଧିନିୟମ, 1987 ( 1987 ର 9 )ର ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ପ୍ରକାରର ନୁହେଁ ତାହା ପ୍ରତି ଅଥବା ନିଷ୍ପାଦନରେ ଥିବା କୌଣସି କାର୍ଯ୍ୟବିଧି କିମ୍ବା ସେପରି କୌଣସି ମକଦ୍ଦମା ବା ଦାବିର ଆନୁଷଙ୍ଗିକ ବା ତହିଁରୁ ଉଦଭୂତ ଅନ୍ୟ-କାର୍ଯ୍ୟବିଧି ପ୍ରତି, ପ୍ରଯୋଜ୍ୟ ହେବ ନାହିଁ ।

ମିଥ୍ୟା ସବିଶେଷ ବିବରଣ ଦେବା ଯୋଗୁଁ ଶାସ୍ତି ।

70. ଯେଉଁ ବ୍ୟକ୍ତି, ସେ ମିଥ୍ୟା ବୋଲି ଜାଣୁଥିବା ବା ସତ୍ୟ ବୋଲି ବିଶ୍ୱାସ କରୁ ନଥିବା ଏପରି କୌଣସି ସବିଶେଷ ବିବରଣ ଥାଇ କିମ୍ବା ସେ ଅସଂପୂର୍ଣ୍ଣ ବୋଲି ଜାଣୁଥିବା ବା ସଂପୂର୍ଣ୍ଣ ବୋଲି ବିଶ୍ୱାସ କରୁନଥିବା ଏପରି ସବିଶେଷ ବିବରଣ ଥାଇ, ଏହି ଅଧ୍ୟାୟ ଅନୁଯାୟୀ କୌଣସି ବିବୃତି ସଂଶୋଧିତ ବିବୃତି ସୂଚନା ବା ପ୍ରଜ୍ଞାପନ ସ୍ୱାକ୍ଷର କରନ୍ତି, ସେ ତିନିମାସ ପର୍ଯ୍ୟନ୍ତ କାରାବାସରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

ନିୟମାବଳୀ ପ୍ରଣୟନ କରିବା କ୍ଷମତା ।

71. (1) ରାଜ୍ୟ ସରକାର, ଫାର୍ମ ଗୁଡ଼ିକର ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯିବା ଦସ୍ତାବିଜ ସହିତ ଦିଆଯିବା, କିମ୍ବା ଫାର୍ମଗୁଡ଼ିକର ରେଜିଷ୍ଟ୍ରାରଙ୍କ ଅଭିରକ୍ଷାରେ ଥିବା ଦସ୍ତାବିଜଗୁଡ଼ିକର ନିରୀକ୍ଷଣ ନିମିତ୍ତ, ବା ଫାର୍ମ ଗୁଡ଼ିକର ରେଜିଷ୍ଟରରୁ ପ୍ରତିଲିପି ନେବା ନିମିତ୍ତ ସଂଦାୟ କରାଯିବା, ଫିସ ବିହିତ କରି ନିୟମାବଳୀ ପ୍ରଣୟନ କରିପାରିବେ :

ପରନ୍ତୁ ସେପରି ଫିସ୍, ଅନୁସୂଚୀ I ରେ ବିନିର୍ଦ୍ଦିଷ୍ଟ ଅଧିକତମ ଫିସରୁ ଅଧିକ ହେବ ନାହିଁ ।

(2) ରାଜ୍ୟ ସରକାର ମଧ୍ୟ ଏପରି ନିୟମାବଳୀ ପ୍ରଣୟନ କରିବେ, ଯାହା—

(କ) ଧାରା 58 ଅନୁଯାୟୀ ଦିଆଯାଉଥିବା ବିବୃତି, ଏବଂ ତାହାର ସତ୍ୟାପନର ଫାରମ ବିହିତ କରିବ ;

(ଖ) ବିହିତ ଫାରମରେ ଧାରା 60, 61, 62 ଓ 63 ଅନୁଯାୟୀ ବିବୃତି, ପ୍ରଜ୍ଞାପନ ଓ ସୂଚନା ଗୁଡ଼ିକ ଆବଶ୍ୟକ କରି ଏବଂ ସେଗୁଡ଼ିକର ଫାରମ ବିହିତ କରିବ ;

(ଗ) ଫାର୍ମଗୁଡ଼ିକର ରେଜିଷ୍ଟରର ଫାରମ ଏବଂ ଯେଉଁ ଢଙ୍ଗରେ ଫାର୍ମ ସମ୍ବନ୍ଧୀ ଦରଜମାନ ସେଥିରେ କରାଯିବ, ଓ ଯେଉଁ ଢଙ୍ଗରେ ସେପରି ଦରଜମାନ ସଂଶୋଧିତ କରାଯିବ ବା ତହିଁରେ ଟିପପଣୀ କରାଯିବ ତାହା ବିହିତ କରିବ ;

(ଘ) ବିବାଦ ଉଦ୍‌ଭୂତ ହେବା ବେଳେ ରେଜିଷ୍ଟ୍ରାରଙ୍କ ଦ୍ୱାରା ଅନୁସରଣ କରାଯିବା ପ୍ରକ୍ରିୟା ବିନିୟମିତ କରିବ ;

(ଙ) ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରାପ୍ତ କରାଯିବା ଦସ୍ତାବିଜ ଗୁଡ଼ିକର ଫାଇଲ କରାଯିବା ବିନିୟମିତ କରିବ ;

(ଚ) ମୂଳ ଦସ୍ତାବିଜ ଗୁଡ଼ିକର ନିରୀକ୍ଷଣ ନିମିତ୍ତ ସର୍ତ୍ତ ବିହିତ କରିବ ;

(ଛ) ନକଲ ଦିଆଯିବା ବିନିୟମିତ କରିବ ;

(ଜ) ରେଜିଷ୍ଟର ବା ଦସ୍ତାବିଜଗୁଡ଼ିକର ପରିହାର ବିନିୟମିତ କରିବ ;

(ଝ) ଫାର୍ମଗୁଡ଼ିକର ରେଜିଷ୍ଟରର ଅନୁକ୍ରମଣିକାର ରକ୍ଷଣ ଓ ତାହାର ଫାରମ ଉପବନ୍ଧିତ କରିବ ; ଏବଂ

(ଞ) ସାଧାରଣତଃ, ଏହି ଅଧ୍ୟାୟର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବାକୁ ହେବ ।

(3) ଏହି ଧାରା ଅନୁଯାୟୀ ପ୍ରଣୀତ ସମସ୍ତ ନିୟମାବଳୀ, ପୂର୍ବପ୍ରକାଶନର ସର୍ତ୍ତ ପ୍ରତି ସାପେକ୍ଷ ରହିବ ।

(4) ଏହି ଧାରା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ, ତାହା ପ୍ରଣୀତ ହେବା-ପରେ, ଯଥାସମ୍ଭବ ଶୀଘ୍ର, ରାଜ୍ୟ ବିଧାନ ମଣ୍ଡଳ ସମକ୍ଷରେ ଉପସ୍ଥାପିତ ହେବ ।

# ଅଧ୍ୟାୟ VIII

## ଅନୁପୂରକ

ସର୍ବସାଧାରଣ ସୂଚନା ଦେବାର ଢଙ୍ଗ ।

72. ଏହି ଧାରା ଅନୁଯାୟୀ କୌଣସି ସର୍ବସାଧାରଣ ସୂଚନା–

(କ) ଯେଉଁଠାରେ ତାହା କୌଣସି ରେଜେଷ୍ଟ୍ରୀକୃତ ଫାର୍ମରୁ କୌଣସି ଭାଗୀଦାରଙ୍କର ଅବସରଗ୍ରହଣ ବା ବିତାଡନ ପ୍ରତି, କିମ୍ବା କୌଣସି ରେଜିଷ୍ଟ୍ରୀକୃତ ଫାର୍ମର ବିଘଟନ ପ୍ରତି କିମ୍ବା ପ୍ରାପ୍ତବୟସ୍କ ହେବା କୌଣସି ବ୍ୟକ୍ତି, ଯେ କି ଭାଗୀଦାରୀର ହିତ ନିମିତ୍ତ ଜଣେ ଅପ୍ରାପ୍ତ ବୟସ୍କ ରୂପେ ଗୃହୀତ ହୋଇଥିବେ ତାହାଙ୍କ ଦ୍ଵାରା ରେଜେଷ୍ଟ୍ରୀକୃତ ଫାର୍ମରେ ଜଣେ ଭାଗୀଦାର ହେବାକୁ ବା ନ ହେବାକୁ କରାଯିବା ନିର୍ବାଚନ ପ୍ରତି ସମ୍ବନ୍ଧିତ ହୁଏ ସେହିସ୍ଥଳେ ଧାରା 63 ଅନୁଯାୟୀ ଫାର୍ମର ରେଜିଷ୍ଟ୍ରାରଙ୍କ ସୂଚନା ଦେବା ଦ୍ଵାରା ଏବଂ ସରକାରୀ ଗେଜେଟରେ ଓ ଯେଉଁ ଫାର୍ମ ପ୍ରତି ତାହା ସମ୍ବନ୍ଧିତ ତାହାର ବ୍ୟବସାୟ ସ୍ଥାନ ବା ମୁଖ୍ୟ ସ୍ଥାନ ଯେଉଁ ଜିଲ୍ଲାରେ ଥିବ ସେଠାରେ ପ୍ରଚାରିତ ହେଉଥିବା ଅନ୍ତତଃ କୌଣସି ଗୋଟିଏ ସ୍ଥାନୀୟ ଭାଷାର ସମ୍ବାଦ ପତ୍ରରେ, ପ୍ରକାଶନ ଦ୍ଵାରା ଦିଆଯାଏ, ଏବଂ

(ଖ) ଅନ୍ୟ କୌଣସି କ୍ଷେତ୍ରରେ, ସରକାରୀ ଗେଜେଟରେ ଓ ଯେଉଁ ଫାର୍ମ ପ୍ରତି ତାହା ସମ୍ବନ୍ଧିତ ତାହାର ବ୍ୟବସାୟ ସ୍ଥାନ ବା ମୁଖ୍ୟ ସ୍ଥାନ ଯେଉଁ ଜିଲ୍ଲାରେ ଥିବ ସେଠାରେ ପ୍ରଚାରିତ ହେଉଥିବା ଅନ୍ତତଃ କୌଣସି ଗୋଟିଏ ସ୍ଥାନୀୟ ଭାଷାର ସମ୍ବାଦପତ୍ରରେ, ପ୍ରକାଶନ ଦ୍ଵାରା ଦିଆଯାଏ ।

73. * * *

ବ୍ୟାବୃତ୍ତି

74. ଏହି ଅଧିନିୟମରେ କିମ୍ବା ତାହା ଦ୍ଵାରା କରାଯାଇଥିବା କୌଣସି ନିରସନରେ ଥିବା କୌଣସି ବିଷୟ–

(କ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଅର୍ଜିତ, ପ୍ରୋଦ୍‌ଭୂତ ବା ଉପଗତ କୌଣସି ଅଧିକାର, ହକ୍ ସ୍ଵାର୍ଥ, ବାଧ୍ୟତା ବା ଦାୟିତ୍ଵକୁ, କିମ୍ବା

(ଖ) ସେପରି କୌଣସି ଅଧିକାର, ହକ୍ ସ୍ଵାର୍ଥ, ବାଧ୍ୟତା ବା ଦାୟିତ୍ଵ ଅଥବା ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କରାଯାଉଥିବା ବା ସହ୍ୟ କରାଯାଉଥିବା କୌଣସି ବିଷୟ ସଂକ୍ରାନ୍ତରେ କୌଣସି ବିଧିକ କାର୍ଯ୍ୟ କାର୍ଯ୍ୟବିଧି ବା ପ୍ରତିକାରକୁ, କିମ୍ବା

(ଗ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କରାଯାଇଥିବା ବା ସହ୍ୟ କରାଯାଇଥିବା କୌଣସି ବିଷୟକୁ, କିମ୍ବା

(ଘ) ଏହି ଅଧିନିୟମ ଦ୍ଵାରା ଅଭିବ୍ୟକ୍ତ ରୂପେ ନିରସିତ ହୋଇନଥିବା ଭାଗୀଦାରୀ ସମ୍ବନ୍ଧୀ କୌଣସି ଅଧିନିୟମକୁ, କିମ୍ବା

(ଙ) ଭାଗୀଦାରୀ ସମ୍ବନ୍ଧିତ ପରିଶୋଧ ଅକ୍ଷମତା ବିଷୟକ କୌଣସି ନିୟମକୁ, କିମ୍ବା

(ଚ) ଏହି ଅଧିନିୟମ ସହିତ ଅସଙ୍ଗତ ହେଉ ନଥିବା ବିଧିର କୌଣସି ନିୟମକୁ ପ୍ରଭାବିତ କରିବ ନାହିଁ କିମ୍ବା ପ୍ରଭାବିତ କରିବା ବିବେଚିତ ହେବ ନାହିଁ ।

## ଅନୁସୂଚୀ I

### ଅଧିକତମ ଫିସ୍

(ଧାରା 71ର ଉପଧାରା (1) ଦ୍ରଷ୍ଟବ୍ୟ)

| ଦସ୍ତାବିଜ ବା କାର୍ଯ୍ୟ, ଯାହା ବିଷୟରେ ଫିସ ସଂଦେୟ ହୁଏ | | ଅଧିକତମ ଫିସ |
|---|---|---|
| ଧାରା 58 ଅନୁଯାୟୀ ବିବୃତି | — | ତିନିଟଙ୍କା |
| ଧାରା 60 ଅନୁଯାୟୀ ବିବୃତି | .. | ଏକଟଙ୍କା |
| ଧାରା 61 ଅନୁଯାୟୀ ପ୍ରଜ୍ଞାପନ | .. | ଏକଟଙ୍କା |
| ଧାରା 62 ଅନୁଯାୟୀ ପ୍ରଜ୍ଞାପନ | .. | ଏକଟଙ୍କା |
| ଧାରା 63 ଅନୁଯାୟୀ ସୂଚନା | .. | ଏକଟଙ୍କା |
| ଧାରା 64 ଅନୁଯାୟୀ ଦରଖାସ୍ତ | .. | ଏକଟଙ୍କା |
| ଧାରା 66 ର ଉପଧାରା (1) ଅନୁଯାୟୀ ଫାର୍ମଗୁଡ଼ିକରେ ରେଜିଷ୍ଟରର ନିରୀକ୍ଷଣ । | .. | ରେଜିଷ୍ଟରରେ ଗୋଟିଏ ଖଣ୍ଡ ନିରୀକ୍ଷଣ କରିବା ନିମିତ୍ତ ଆଠଅଣା । |
| ଧାରା 66 ର ଉପଧାରା (2) ଅନୁଯାୟୀ କୌଣସି ଫାର୍ମ ସମ୍ବନ୍ଧୀ ଦସ୍ତାବିଜ ଗୁଡ଼ିକର ନିରୀକ୍ଷଣ । | .. | ଗୋଟିଏ ଫାର୍ମ ସମ୍ବନ୍ଧିତ ସମସ୍ତ ଦସ୍ତାବିଜ ଗୁଡ଼ିକ ନିରୀକ୍ଷଣ କରିବା ନିମିତ୍ତ ଆଠଅଣା । |
| ଫାର୍ମର ରେଜିଷ୍ଟରରୁ ନକଲ | .. | ପ୍ରତି ଏକଶତ ଶବ୍ଦ ବା ତାହାର ଭଗ ନିମିତ୍ତ ଚାରିଅଣା । |

## ଅନୁସୂଚୀ II

(ଅଧିନିୟମନଗୁଡ଼ିକ ନିରସିତ) ନିରସନ ଅଧିନିୟମ, 1938 (1938ର 1)ର ଧାରା 2 ତଥା ଅନୁସୂଚୀ ଦ୍ୱାରା ନିରସିତ ।